R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୫
ତିଥି: ଦଶମୀ
୨୦ ନଭେମ୍ବର ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 45
20 November 2026, Sturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

୨୦ ସକାଳୁ ଗୋପାଳପୁରରେ 'ଅକୱାନ' ଲ୍ୟାଣ୍ଡଫଲ୍ !

ସମ୍ଭାବ୍ୟ ବାତ୍ୟା ମୁକାବିଲାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଜିରୋ କାଜୁଆଲଟି ଆମର ଲକ୍ଷ୍ୟ

ଭୁବନେଶ୍ୱର,୧୯।୧୧,(ସବୁ୍ୟ) : ସମ୍ଭାବ୍ୟ ବାତ୍ୟା 'ଅକୱାନ'ର ମୁକାବିଲା ଏବଂ ଏହାର ସମସ୍ତ ପ୍ରସ୍ତୁତି ପର୍ବକୁ ନେଇ ଆଜି ରାଜ୍ୟ ଏସ.ଆର୍.ସି. କଣ୍ଟ୍ରୋଲ ରୁମ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଅଧ୍ୟକ୍ଷତା କରି ସମଗ୍ର ସ୍ଥିତିର ସମୀକ୍ଷା କରିଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ବିଭାଗର ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ



▲ ପାହାଡ ତଳି ଅଞ୍ଚଳରୁ ସ୍ଥାନାନ୍ତର ଲାଗି ନିର୍ଦ୍ଦେଶ

ସୂଚନା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟ ସରକାର ଏହାର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରତିଥର ଭଳି ଏଥର ମଧ୍ୟ ଆମର ଲକ୍ଷ୍ୟ ହେଉଛି 'ଜିରୋ କାଜୁଆଲଟି' । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବିଶେଷକରି ପାହାଡ ତଳି ଅଞ୍ଚଳରେ ଥିବା ସବୁ ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ସେ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବାତ୍ୟା ପାଇଁ ଏସଆରସିଙ୍କ କଣ୍ଟ୍ରୋଲ ରୁମ୍‌ରେ ଆଜିଠାରୁ ଜଣେ ଲେଖାଏଁ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ୨୪ ଘଣ୍ଟିଆ ମନିଟରିଙ୍ଗ୍ କରାଯିବ (୯ ପୃଷ୍ଠାରେ)



- ଓଡ଼ିଶାରେ ପବନ କମ୍, ଅଧିକ ବର୍ଷା
- ଦକ୍ଷିଣ ଆନ୍ଧ୍ରରୁ ଓଡ଼ିଶାକୁ ଗତି କଲା
- ଆଜି ୬ ଜିଲ୍ଲାକୁ ବର୍ଷା ଲାଗି ରେଡ ୱାର୍ଣ୍ଣିଂ
- ୨୦ ଯାଏଁ ସାରା ରାଜ୍ୟରେ ବର୍ଷିବ

ଭୁବନେଶ୍ୱର,୧୯।୧୧,(ସବୁ୍ୟ) : ଭୀଷଣ ବାତ୍ୟା ଅକୱାନ ଶେଷରେ ଓଡ଼ିଶା ମୁହାଁ ହୋଇଛି । ତିନିଦିନ ଧରି ଦକ୍ଷିଣ ଆନ୍ଧ୍ର କଡ଼ ଲେଉଟାଇ ଦକ୍ଷିଣ ଓଡ଼ିଶାରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ଅଛି । ତେବେ ଅକୱାନ ସ୍ଥଳଭାଗ ଛୁଇଁବା ମାତ୍ରେ ଭୀଷଣ ବାତ୍ୟାରୁ ହଠାତ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେବ । ଏହା ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷିବ, କିନ୍ତୁ ପବନ କମ୍ ବୋହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୁଲେଟିନରେ କୁହାଯାଇଛି ଯେ, ବୁଧବାର ସନ୍ଧ୍ୟା ୫ଟା ୩୦ର ପର୍ଯ୍ୟବେକ୍ଷଣ ଅନୁଯାୟୀ ବାତ୍ୟା ଅକୱାନ୍ ଘଣ୍ଟାପ୍ରତି ୯କିମି ବେଗରେ ଆଗକୁ ବଢୁଥିବା ବେଳେ କଳିଙ୍ଗପାଟନମ ଠାରୁ ୫୪୦କିମି, ଗୋପାଳପୁର ଠାରୁ ୬୩୦ କିମି ଏବଂ ପୁରୀ ଠାରୁ ୬୯୦କିମି ଦୂରରେ କେନ୍ଦ୍ରୀଭୂତ ରହିଛି । ଏହା ୨୦ ତାରିଖ ମଧ୍ୟାହ୍ନ ସୁଦ୍ଧା ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବାର ବହୁ ସମ୍ଭାବନା ରହିଛି । ଏହି ସମୟରେ ପବନ ଘଣ୍ଟାପ୍ରତି ୯୦ରୁ ୧୦୦ କିମି ଓ ଝଟକା ୧୧୦ କିମି ରହିବ ।

ବାତ୍ୟା ପ୍ରଭାବରେ ୧୯ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ଗୁରୁବାର କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, (୯ ପୃଷ୍ଠାରେ)

ସେହିପରି ୨୦ ତାରିଖରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରେଡ ୱାର୍ଣ୍ଣିଂ ଜାରି ହୋଇଛି । କେନ୍ଦୁଝର, ଭଦ୍ରକ, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ପ୍ରବଳ ବର୍ଷା ହୋଇପାରେ ।

୮ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର,୧୮।୧୧,(ସବୁ୍ୟ) : ବାତ୍ୟ ଅକୱାନ ଓଡ଼ିଶା ମୁହାଁ ହେଉଥିବାରୁ ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ୮ ଜିଲ୍ଲାରେ ଆଗାମୀ ୨ ଦିନ ଓ ୩ ଦିନ ଲାଗି ସ୍କୁଲ ଛୁଟି ଘୋଷଣା କରାଯାଇଛି । ମାଲକାନାଗିରି ଜିଲ୍ଲାରେ ୧୯ ଓ ୨୦ ତାରିଖ ପାଇଁ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ଗଞ୍ଜାମ ଓ ଗଜପତି, ପୁରୀ ଓ ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲାରେ ୩ ଦିନ ଲାଗି ଛୁଟି ଘୋଷଣା ହୋଇଛି । ସେହିପରି ବାତ୍ୟା ପରିସ୍ଥିତିରେ ଜରୁରୀ କାଳୀନ ପ୍ରଶାସନିକ ଆବଶ୍ୟକତା ତଥା ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ୨୨ ନଭେମ୍ବର ଯାଏ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି । ଏହି ଅବଧି ମଧ୍ୟରେ ଛୁଟିରେ ଥିବା ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଜ ନିଜ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି । ସମସ୍ତ ଅଧିକାରୀ ଓ କର୍ମଚାରୀ ନିଜ ନିଜ ଦାୟିତ୍ୱରେ ସଜାଗ ରହିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

୨୪,୧୫୦ କୋଟିର ଅତିରିକ୍ତ ବଜେଟ୍



ଭୁବନେଶ୍ୱର,୧୯।୧୧,(ସବୁ୍ୟ) : ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ୨୪,୧୫୦ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଥମନ୍ତ୍ରୀ ଭାବେ ଏହି ବଜେଟକୁ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ୨୦୨୬-୨୭ ମୂଳ ବଜେଟ୍‌ରେ ୩ ଲକ୍ଷ ୧୦ ହଜାର କୋଟି ବଜେଟ ବ୍ୟୟ ବରାଦ ହୋଇଥିଲା । ଅତିରିକ୍ତ ବଜେଟକୁ ମିଶାଇଲେ ଚଳିତ ଆର୍ଥିକ ବର୍ଷ ଲାଗି ବ୍ୟୟବରାଦ ୩ ଲକ୍ଷ ୩୪ ହଜାର ୧୫୦ କୋଟିରେ ପହଞ୍ଚିଛି । ତେବେ ଅତିରିକ୍ତ ବ୍ୟୟବରାଦ ସତ୍ତ୍ୱ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ, ଦ୍ୱିତୀୟ ନିଅଣ୍ଟ ଜିଏସବିପିର ୩% ମଧ୍ୟରେ ସୀମିତ ରହିବ ଓ ବର୍ଷ ଶେଷକୁ ଋଣ ଜିଏସଡିପି ଅନୁପାତର ୨୫% ମଧ୍ୟରେ ରହିବ ବୋଲି କୁହାଯାଇଛି ।

ଅତିରିକ୍ତ ବଜେଟରେ ପ୍ରଶାସନିକ ବ୍ୟୟ ଲାଗି ୧୦୬୦ କୋଟି ବ୍ୟୟ ବରାଦ ହୋଇଥିଲା ବେଳେ କାର୍ଯ୍ୟକ୍ରମ ବ୍ୟୟ ଲାଗି ୧୭,୯୯୦ କୋଟି ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଲାଗି ବ୍ୟୟ ବରାଦ ୫,୧୫୦ କୋଟି ଟଙ୍କା କରାଯାଇଛି । ବନ୍ୟା ନିୟନ୍ତ୍ରଣ ଓ ଜଳନିଷ୍କାସନ କାର୍ଯ୍ୟର ମରାମତି ରକ୍ଷଣାବ୍ୟକ୍ଷଣା ପାଇଁ ୯୮.୪୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ ଓଡ଼ିଶା ୟୁନିଫର୍ମ ସର୍ଭିସେସ ଷ୍ଟାଫ ସିଲେକ୍ସନ କମିଶନ ଦ୍ୱାରା ପରୀକ୍ଷା ପରିଚାଳନା ପାଇଁ ୪୮ କୋଟି, ଓଏସଏସଏସସି'ର ପରୀକ୍ଷା ପରିଚାଳନା ପାଇଁ ୨୧.୯୫ କୋଟି, ଓପିଏସସି ପରୀକ୍ଷା ପରିଚାଳନା ପାଇଁ ୪ କୋଟି ଟଙ୍କା ପରିଚାଳନା କରାଯାଉଛି । ସେହିଭଳି ରାଜ୍ୟସ୍ତରୀୟ ଯୋଜନା ଲାଗି ୧୪,୨୨୮ କୋଟି, କେନ୍ଦ୍ରୀୟ ପ୍ରବର୍ଦ୍ଧିତ ଯୋଜନା ପାଇଁ ୩୪୪୨ କୋଟି, କେନ୍ଦ୍ରୀୟସ୍ତରୀୟ ଯୋଜନା ପାଇଁ ୩୨୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଆଦିବାସୀ ଅଞ୍ଚଳ ଉପଯୋଜନା ଅଞ୍ଚଳରେ ୩୭୩୫ କୋଟି, ଅନୁସୂଚୀତ ଜାତି ଉପଯୋଜନାରେ ୨୬୪୬ କୋଟି, ଭିତ୍ତିଭୂମି ବିକାଶ ପ୍ରକଳ୍ପ ଲାଗି ୨୩,୫୯ କୋଟି ଆବଣ୍ଟନ ହୋଇଛି । ମୁଖ୍ୟମନ୍ତ୍ରୀ ଅର୍ଥପୂର୍ଣ୍ଣ ଯୋଜନାରେ ୮୩୧୨ କୋଟି, କେଜିରୁ ପିଜି ଯୋଜନା ଅଧିନରେ ୪୮୫ କୋଟି, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଅଧିନରେ ୧୭୪ କୋଟି, ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ରାଜ୍ୟମାନଙ୍କ ଆର୍ଥିକ ସହାୟତା ଯୋଜନାରେ ୩୧୬ କୋଟି ଆବଣ୍ଟନ କରାଯାଇଛି । ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଲାଗି ୧୨୪୬ କୋଟି ଜାତୀୟ ସ୍ୱାସ୍ଥ୍ୟ (୯ ପୃଷ୍ଠାରେ)

ଅତିରିକ୍ତ ବଜେଟ୍ ଲାଗି ଆବଣ୍ଟନ

- ପ୍ରଶାସନିକ ବ୍ୟୟ - ୧୦୬୦ କୋଟି
- କାର୍ଯ୍ୟକ୍ରମ ବ୍ୟୟ - ୧୭,୯୯୦ କୋଟି
- ବିପର୍ଯ୍ୟୟ ପ୍ରଶମନ ପାଣ୍ଠି -୫୧୦୦ କୋଟି

ଶୀତ ଅଧିବେଶନ: ଆରମ୍ଭରୁ ହଟ୍ଟଗୋଳ, ଗୃହ ଅଚଳ



ଭୁବନେଶ୍ୱର,୧୯।୧୧,(ସବୁ୍ୟ): ଶୀତ ଅଧିବେଶନ ଆରମ୍ଭରୁ ଗୃହରେ ହଟ୍ଟଗୋଳ କରିଛନ୍ତି ବିରୋଧୀ । ଶୋକ ପ୍ରସ୍ତାବ ପରେ କୋଟିଆ ସୀମା ବିବାଦ ଓ ଗଞ୍ଜାମ ବନ୍ୟା ପ୍ରସଙ୍ଗକୁ ଉଠାଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଫଳରେ ବାଚସ୍ପତି ସୁରମା ପାଢୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ପୂର୍ବତନ ବିଧାୟକ କାହ୍ନ ଚରଣ ନାଏକ, ଓଡ଼ିଶା ପୁଲିସ

▶▶ ଦିବଙ୍ଗତ ସଦସ୍ୟଙ୍କ ପାଇଁ ଶୋକ ପ୍ରସ୍ତାବ

କନେଷ୍ଟବଳ ଅଜୟ୍ୟା ବା ଏବଂ ହିମାଂଶୁ ରାୟଙ୍କ ସହିତ ନିକଟରେ ବାତ୍ୟା ଓ ଭୂସ୍ଖଳନରେ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦିବଂଗତଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । (୯ ପୃଷ୍ଠାରେ)

TPCODL
ଟିପି ସେଣ୍ଟ୍ରାଲ୍ ଓଡ଼ିଶା
ବିତରଣ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ)

ନିବେଦନ

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଦ୍ୱାରା ଜାରି କରାଯାଇଥିବା ସଦ୍ୟତମ ସୂଚନା ଅନୁଯାୟୀ, ବାତ୍ୟା 'ଅକୱାନ' ଏହାର ସମ୍ଭାବ୍ୟ ଗତିପଥ ପରିବର୍ତ୍ତନ କରିଛି ଏବଂ ବର୍ତ୍ତମାନ ଏହା ଆନ୍ଧ୍ରପ୍ରଦେଶର ନରସାପୁର ଏବଂ ଓଡ଼ିଶାର ପୁରୀ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସଂଶୋଧିତ ପୂର୍ବାନୁମାନ ଅନୁସାରେ, ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁରରେ ବାତ୍ୟାର ବ୍ୟାପକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଏହି ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ସମସ୍ତ ବିଜନେସ୍ ଆସୋସିଏଟ୍ କର୍ମଚାରୀମାନଙ୍କୁ ସତର୍କ ରହିବା ସହ ଏହି ଜଟିଳ ସମୟରେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର କାର୍ଯ୍ୟରେ ନିଜର ପୂର୍ଣ୍ଣ ସହଯୋଗ ଓ ସମର୍ଥନ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଉଛି।

ଟିପିସିଓଡିଏଲ୍ ରେ ବିଜନେସ୍ ଆସୋସିଏଟ୍ ସଂସ୍ଥା ଏବଂ ସେମାନଙ୍କର କର୍ମଚାରୀମାନେ ସର୍ବଦା ଆମର ମୂଲ୍ୟବାନ ଅଂଶୀଦାର ହୋଇ ରହିଆସିଛନ୍ତି। ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ସୁନିଶ୍ଚିତ କରିବା ଏବଂ ବିଦ୍ୟୁତ୍ ସେବାର ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ବର୍ତ୍ତମାନ ଓଡ଼ିଶା ଆସନ୍ନ ବାତ୍ୟା 'ଅକୱାନ' ର ସମ୍ମୁଖୀନ ହେବାକୁ ଯାଉଛି। ଏହି କଠିନ ସମୟରେ ଏକଜୁଟ ହୋଇ ନିଜର ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ଆମେ ଆମର ସମସ୍ତ ବିଜନେସ୍ ଆସୋସିଏଟ୍ ସଂସ୍ଥା ଏବଂ ସେମାନଙ୍କର କର୍ମଚାରୀମାନଙ୍କୁ ନିବେଦନ କରୁଛୁ।

ଯେଉଁ ବିଜନେସ୍ ଆସୋସିଏଟ୍ କର୍ମଚାରୀମାନେ ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଏବଂ ବାତ୍ୟା ଅର୍ଣ୍ଣବ ସମୟରେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି ଏବଂ ବର୍ତ୍ତମାନ ଲୋୟର ପିଏମଜି ରେ ଅଛନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ଆଉ ବିଳମ୍ବ ନକରି ତୁରନ୍ତ ନିଜ ନିଜର ଟିପିସିଓଡିଏଲ୍ ଡିଭିଜନକୁ ଫେରିଆସନ୍ତୁ ଏବଂ ନିଜର ନିର୍ଦ୍ଧାରିତ ଦାୟିତ୍ୱ ଗ୍ରହଣ କରନ୍ତୁ। ବାତ୍ୟା ମୁକାବିଲା ପାଇଁ ପ୍ରଭାବଶାଳୀ ପ୍ରସ୍ତୁତି, ତ୍ୱରିତ ପଦକ୍ଷେପ ଏବଂ ଯଥାଶୀଘ୍ର ବିଦ୍ୟୁତ୍ ସେବା ପୁନରୁଦ୍ଧାର ପାଇଁ ସେମାନଙ୍କର ଉପସ୍ଥିତି ଅତ୍ୟନ୍ତ ଜରୁରୀ।

ଆସନ୍ତୁ, ଆମେ ସମସ ଏହି ପରିସ୍ଥିତିର ଦୃଢ଼ତାର ସହ ସାମ୍ନା କରିବା, ଆମର ମିଳିତ ଦାୟିତ୍ୱବୋଧକୁ ବଜାୟ ରଖିବା ଏବଂ ଓଡ଼ିଶାବାସୀଙ୍କ ସେବାରେ ଏକାଠି ଠିଆ ହେବା।



ছবির ধাঁধাঁর উত্তর



ছবির ধাঁধাঁ



বাংলা - চশমা, চাকা, ঘুমা, চৌর্য, প্লেটারি, ঘাসফা ঘোড়া, ডেস্ক বিশ্ব বিশ্ব। **ইংরাজি** - ঘুমা বর্ষে চৌর্য ও প্লেটারি প্লে চিমাে প্লে চৌর্য। চশমা - ঘুমা বর্ষে চৌর্য ও চৌর্য প্লে চিমাে প্লে চৌর্য। চশমা



ବିଧାନସଭାରେ ପ୍ରବେଶ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ

ପୁରୀ, (ସବୁ୍ୟ): ପୁରୀ ଜିଲ୍ଲାରେ ନଭେମ୍ବର ମାସରେ ଆଉ ଏକ ହତ୍ୟା ମାମଲାରେ କୋର୍ଟ କାରାଦଣ୍ଡାଦେଶ ଘୋଷଣା କରିଛନ୍ତି । ଦେଲାଙ୍ଗ ଥାନାର ଏକ ମାମଲାର ଶୁଣାଣି କରି ପୁରୀ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତର ମାନ୍ୟବର ବିଚାରପତି ସୈକତ ପାତ୍ର ଅଭିଯୁକ୍ତ ତ୍ରିଲୋଚନ ଜେନାଙ୍କୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଦେଲାଙ୍ଗ ଥାନା କେସ୍ ନମ୍ବର ୧୩୯/୨୦୧୪ରୁ ଉତ୍ପନ୍ନ ଏସ୍‌ଟି କେସ୍ ନମ୍ବର ୧୧/୩୭/୨୦୧୫ର ଶୁଣାଣିରେ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୨୪୭, ୨୪୮ ଓ ୩୦୨ ଅନୁଯାୟୀ ଅଭିଯୋଗ ରହିଥିଲା । ଅଦାଲତ ଧାରା ୩୦୨ ଅନୁଯାୟୀ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦାୟ ହେଲେ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ସେହିପରି ଧାରା ୨୪୭ ଅନୁଯାୟୀ ୬ ମାସ ଏବଂ ଧାରା ୨୪୮ ଅନୁଯାୟୀ ୮ ମାସ ସଶ୍ରମ କାରାଦଣ୍ଡ ଦଣ୍ଡାଦେଶ ହୋଇଛି । ଏହି ମାମଲାରେ ସରକାରୀ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ତାଙ୍କୁ ସହଯୋଗ କରିଥିଲେ ସ୍ୱପ୍ନା ନନ୍ଦା ପଟ୍ଟନାୟକ । ତଦନ୍ତକାରୀ ଅଧିକାରୀ ଭାବେ ଅସିତ ରଞ୍ଜନ ମହାନ୍ତି ତଦନ୍ତ କରିଥିଲେ । ଅଭିଯୋଗ ପକ୍ଷ ଓ ପୁଲିସର ସମନ୍ୱିତ ପ୍ରୟାସ ସହ ଦ୍ରୁତ ବିଚାର ପାଇଁ ଦେଲାଙ୍ଗ ଥାନା ପକ୍ଷରୁ ସାକ୍ଷୀମାନଙ୍କୁ ସମୟୋପଯୋଗୀ ଭାବେ ଅଦାଲତରେ ଉପସ୍ଥାପନ କରାଯାଇଥିବାରୁ ଏହି ଦଣ୍ଡସିଦ୍ଧି ସମ୍ଭବ ହୋଇଥିବା କୁହାଯାଇଛି ।

ଆକ୍ରମଣ ଓ ଦାଦାବଟି ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୀ, (ସବୁ୍ୟ): ଆକ୍ରମଣ ଓ ଦାଦାବଟି ଆଦାୟ ଅଭିଯୋଗରେ ପୁରୀ ଟାଉନ ଥାନା ପୁଲିସ ଜଣେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ଚିଣ୍ଟୁ ଓରଫ ରାଜକିଶୋର ନାୟକ (୨୮) । ତାକୁ ଦୋଳମଣ୍ଡପ ସାହିରୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଗତ ୯ ତାରିଖରେ ବାରବାଟୀ ନୂଆସାହିରେ ଭଡ଼ାରେ ରହୁଥିବା ସନ୍ତୋଷ ପଣ୍ଡାଙ୍କ ଘରକୁ ଚିଣ୍ଟୁ ଓରଫ ରାଜକିଶୋର ନାୟକ, ଡେଙ୍ଗାରାଜା ଓରଫ ବିକ୍ରମ ରଥଙ୍କ ସମେତ ଅନ୍ୟ ଦୁଇଜଣ ଯାଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେମାନେ ସନ୍ତୋଷଙ୍କୁ ଗାଳିଗୁଲଜ ଓ ଧମକ ଦେବା ସହ ୧୦ ହଜାର ଟଙ୍କା ଦାଦାବଟି ନେଇଥିବା ଏବଂ ତାଙ୍କ ମୋବାଇଲ ଫୋନ ନେଇଯାଇଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ପରଦିନ ଟାଉନ ଥାନାରେ ଅଭିଯୋଗ ପରେ କେସ୍ ନମ୍ବର ୭୭୨/୨୦୨୬ ରୁଜୁ ହୋଇଥିଲା । ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଏହି ମାମଲାରେ ଅଭିଯୁକ୍ତ ଡେଙ୍ଗାରାଜା ଓରଫ ବିକ୍ରମ ରଥଙ୍କୁ ଗତ ୧୪ ତାରିଖରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା । ତେବେ ମୁଖ୍ୟ ଅଭିଯୁକ୍ତ ଚିଣ୍ଟୁ ସମେତ ଅନ୍ୟ ଦୁଇଜଣ ଫେରାର ଥିଲେ । ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଚିଣ୍ଟୁ ଦୋଳମଣ୍ଡପ ସାହିରେ ଥିବା ଖବର ପାଇ ଟାଉନ ଥାନା ପୁଲିସ ସେଠାରେ ଚଢ଼ାଉ କରି ତାକୁ ଗିରଫ କରିଥିଲା । ଆଜି ତାକୁ ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଚିଣ୍ଟୁ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି । ସେ ପୂର୍ବ ମାମଲାଗୁଡ଼ିକରେ ଜାମିନରେ ଥିବା ବେଳେ ବର୍ତ୍ତମାନର ମାମଲାରେ ଜାମିନ ସର୍ତ୍ତ ଉଲ୍ଲଙ୍ଘନ କରିଥିବା ନେଇ ପୁଲିସ ପକ୍ଷରୁ ସମ୍ପୃକ୍ତ ଅଦାଲତଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି । ଏଥିସହ ଅଭିଯୁକ୍ତ ବିରୋଧରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୧୨୯ ଅନୁସାରେ ପ୍ରସିକ୍ୟୁସନ୍ ରିପୋର୍ଟ ଦାଖଲ କରାଯାଇଥିବା ପୁଲିସ ସୂଚନା ଦେଇଛି । ଏହି ମାମଲାରେ ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତ ଚନ୍ଦନ, ଷ୍ଟେସନ ବଜାର ଏବଂ ସୂର୍ଯ୍ୟ, ନାଉଗାଁ, ଜଗତସିଂହପୁରଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି ।

ଡିଆଇଏଲ୍-ଇଣ୍ଡିଆ ସହ ଓଡ଼ିଶା ସରକାରଙ୍କ ସହଭାଗିତା

କୃଷି ଓ ଗ୍ରାମୀଣ ପାନୀୟ ଜଳ କ୍ଷେତ୍ରରେ ନବସୃଜନକୁ ବ୍ୟାପକ କରାଯିବାକୁ ଗୁରୁତ୍ୱ

ଭୁବନେଶ୍ୱର,(ସବୁ୍ୟ):ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟ ଅଧୀନରେ କାର୍ଯ୍ୟରତ ଡେଭଲପମେଣ୍ଟ ଇନୋଭେସନ୍ ଲ୍ୟାବ୍‌ରୁଣ୍ଡିଆ (ଡିଆଇଏଲ-ଇଣ୍ଡିଆ) ସହିତଓଡ଼ିଶା ସରକାର ଦୁଇ ବର୍ଷ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି ।ଭାରତରେ ପଞ୍ଜୀକୃତ ଏହି ଅନୁଷ୍ଠାନ ସହିତ ସହଭାଗିତା ମାଧ୍ୟମରେ 'ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଏବଂ ୨୦୪୭ର ଲକ୍ଷ୍ୟ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ପ୍ରାଥମିକତାଗୁଡ଼ିକୁ ସମର୍ଥନ ଯୋଗାଇ ଦିଆଯିବ । ଏଥିସହପ୍ରଭାବଶାଳୀ ନବସୃଜନମୂଳକ ପଦକ୍ଷେପଗୁଡ଼ିକର ଉପଯୋଗିତା ସମ୍ପର୍କରେ ଦୃଢ଼ ପ୍ରମାଣଭିତ୍ତିକ ତଥ୍ୟ ସୃଷ୍ଟି କରିବା ସହ ସେଗୁଡ଼ିକର କାର୍ଯ୍ୟକାରିତା ବ୍ୟାପକ କରିବା ପାଇଁ ଆବଶ୍ୟକ ଅନୁଷ୍ଠାନିକ ବ୍ୟବସ୍ଥାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଏହାଫଳରେ ରାଜ୍ୟର ସମସ୍ତ ଅଞ୍ଚଳର ଜନସାଧାରଣଙ୍କ ଉପକୃତ ହେବେ । ଏହି ବୁଝାମଣାପତ୍ରଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଏବଂ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲେନି ଚୌଧୁରୀଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଥିଲା । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମ୍ପୃକ୍ତ ବିଭିନ୍ନ ବିଭାଗଗୁଡ଼ିକର ଶାସନ ସଚିବମାନେ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଯେ, ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ୍ କ୍ରେମରଙ୍କ ଦ୍ୱାରା ବିକଶିତ ଅର୍ଥନୀତି ସମ୍ବନ୍ଧୀୟ ବିଭିନ୍ନ ପଦ୍ଧତିର ଉପଯୋଗ କରି ଡିଆଇଏଲ-ଇଣ୍ଡିଆ ଜନସାଧାରଣଙ୍କ ପାଇଁ କଲ୍ୟାଣକାରୀ ହୋଇପାରୁଥିବା ନବସୃଜନମୂଳକ ପଦକ୍ଷେପଗୁଡ଼ିକୁ ଚିହ୍ନଟ, ପରୀକ୍ଷଣ, ପରିମାର୍ଜନ ଏବଂ ବ୍ୟାପକ ସ୍ତରରେ



ପ୍ରସାର କରିଥାଏ ।୨୦୨୩ ମସିହାରୁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହିତ ଡିଆଇଏଲ-ଇଣ୍ଡିଆଙ୍କ ବୈଷୟିକ ସହଯୋଗକୁ ଔପଚାରିକ ରୂପ ଦିଆଯାଇଛି ।ଏହି ସହଯୋଗର ପ୍ରାରମ୍ଭିକ କାର୍ଯ୍ୟକ୍ଷେତ୍ର ମଧ୍ୟରେ କୃଷକମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଓ ପରାମର୍ଶର ପ୍ରସାର, ଗ୍ରାମାଞ୍ଚଳର ପାଇପ୍ ଜଳ ଯୋଗାଣ ଯୋଜନାରେ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ଏବଂ ବ୍ୟବସ୍ଥିତ ମୂଲ୍ୟାଙ୍କନରୁ ମିଳୁଥିବା ପ୍ରମାଣଭିତ୍ତିକ ତଥ୍ୟ ଆଧାରରେ ନୀତିଗତ ନବସୃଜନ ଓ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବା ଅନ୍ତର୍ଭୁକ୍ତ ରହିଛି ।

ଏହି ସହଭାଗିତା ସମ୍ପର୍କରେ ମତବ୍ୟକ୍ତ କରି ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲେନି ଚୌଧୁରୀ ପ୍ରକାଶ କରି କହିଛନ୍ତି ଯେ, ଏହି ବୁଝାମଣା ପତ୍ର ସ୍ୱାକ୍ଷର ଯୋଗୁଁ ଆମେ ଅତ୍ୟନ୍ତ ଆନନ୍ଦିତଏବଂ ଏହା ଓଡ଼ିଶା ସରକାରଙ୍କ ସହ ଆମର ସହଭାଗିତାକୁ ଆହୁରି ସୁଦୃଢ଼ କରିବ । ରାଜ୍ୟର ବିଭିନ୍ନ ଅଭିନବ ପ୍ରାଥମିକତାଭିତ୍ତିକ କାର୍ଯ୍ୟକ୍ରମକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ପାଇଁ ପ୍ରମାଣଭିତ୍ତିକ ତଥ୍ୟ ସୃଷ୍ଟି କରୁଥିବା ପ୍ରୟୋଗଭିତ୍ତିକ ଗବେଷଣାକୁ ନେଇ ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଆମେ ଅତ୍ୟନ୍ତ ଆଗ୍ରହୀ ବୋଲି ସେ ପ୍ରକାଶ କରିଥିଲେ । ଡିଆଇଏଲ-ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡ. ୟାମିନୀ ଆମ୍ବିଳାସ କହିଛନ୍ତି, "ଓଡ଼ିଶା ସରକାର ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ପ୍ରତି ନିରନ୍ତର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛନ୍ତି। ଏହି ବୁଝାମଣାପତ୍ର କୌଣସି ନବସୃଜନମୂଳକ ପଦକ୍ଷେପକୁ ବ୍ୟାପକ ସ୍ତରରେ କାର୍ଯ୍ୟକାରୀ କରିବା ପୂର୍ବରୁ ତାହାର ସୁବ୍ୟବସ୍ଥିତ ପରୀକ୍ଷଣ ଓ ବିଶ୍ଳେଷଣ ଆବଶ୍ୟକ। ସେହିପରି, ସାର୍ବଜନୀନ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟଧାରା ସହ ଗବେଷଣାକୁ ସମନ୍ୱିତ କରାଗଲେ ତାହା ଅଧିକ ଫଳପ୍ରଦ ହୋଇପାରିବ। 'ବିକଶିତ ଓଡ଼ିଶାଦ' ଦୃଷ୍ଟିକୋଣ ଅଧୀନରେ ରାଜ୍ୟର ପ୍ରାଥମିକତାଗୁଡ଼ିକୁ ସହଯୋଗ ଯୋଗାଇବା ପାଇଁ ଆମେ ଆଗ୍ରହୀ ।

ଏହି ସହଭାଗିତାର କାର୍ଯ୍ୟଧାରା ଯୋଜନା ଓ ସଂଯୋଜନ ବିଭାଗର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ପରିଚାଳନା କମିଟି ଦ୍ୱାରା ନିର୍ଦ୍ଦେଶିତ ହେବ। ଏହି କମିଟିରେ ସମ୍ପୃକ୍ତ ବିଭାଗଗୁଡ଼ିକର ବରିଷ୍ଠ ସରକାରୀ ଅଧିକାରୀ ଏବଂ ଡିଆଇଏଲ-ଇଣ୍ଡିଆ ର ବରିଷ୍ଠ ପ୍ରତିନିଧିମାନେ ସଦସ୍ୟ ଭାବେ ରହିବେ ।ଏହି କମିଟି ବର୍ଷକୁ ଦୁଇଥର ବୈଠକ କରି ଧାର୍ଯ୍ୟ ଲକ୍ଷ୍ୟ ଓ କାର୍ଯ୍ୟଫଳର ଅଗ୍ରଗତି ସମୀକ୍ଷା କରିବା ସହ କାର୍ଯ୍ୟକାରିତା ଏବଂ ମୂଲ୍ୟାଙ୍କନ କାର୍ଯ୍ୟକ୍ରମଗୁଡ଼ିକର ସ୍ଥିତି ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିବ । ଏହି ଅବସରରେ ମତବ୍ୟକ୍ତ କରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଏହି ସହଭାଗିତା ତଥ୍ୟଭିତ୍ତିକ ଶାସନ ବ୍ୟବସ୍ଥା ଏବଂ ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ମୁକାବିଲା କ୍ଷମତା ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସିଂହ କହିଥିଲେ ଯେ, ଏହି ସହଭାଗିତା ବୈଷୟିକ ସହାୟତା ଓ ଗବେଷଣା ମାଧ୍ୟମରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମଗୁଡ଼ିକୁ ଆହୁରି ସୁଦୃଢ଼ କରିବ ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ : ପୁଅର ଡିଗ୍ରୀରେ ମାଆ ଙ୍କ ଆନନ୍ଦାଶ୍ରୁ

ଭୁବନେଶ୍ୱର (ସବୁ୍ୟ): ପୂଜ୍ୟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ମାର୍ଗଦର୍ଶନରେ କଟକ ନରାଜ ଠାରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ।ବିଶ୍ୱର ୫୭ଟି ଦେଶରେ ଶିକ୍ଷା ସହ ମାନବିକତାର ମନ୍ତ୍ର ବିସ୍ତାର କରୁଥିବା ଏହି ବିଶ୍ୱବିଦ୍ୟାଳୟର ସନ୍ଧ୍ୟାକାଳୀନ ମୁକ୍ତାକାଶ ମଞ୍ଚରେ ଆୟୋଜିତ ଉତ୍ସବରେ ପୂଜ୍ୟ ଗୁରୁଜୀ, କୁଳପତି, କୁଳସଚିବଙ୍କ ସହ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ ।ଏହି ଅବସରରେ ବିଜିନେସ୍ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ଉପାଧି ଗ୍ରହଣ କରିଛନ୍ତି ହର୍ଷବର୍ଦ୍ଧନ ସାହୁ । ମଞ୍ଚ ଉପରେ ପୁଅକୁ ଡିଗ୍ରୀ ନେବାର ଦେଖି ମଞ୍ଚତଳେ ବସିଥିବା ମାଆଙ୍କ ଆଖିରୁ ଧାର ଧାର ଆନନ୍ଦଅଶ୍ରୁ ଗଡ଼ି ଯାଉଥିଲା । ମାଆ ହେଉଛନ୍ତି ପ୍ରସିଦ୍ଧ କଥକ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଡଃ ସଙ୍ଗୀତା ସାହୁ। ପୁଅକୁ ଏ ପର୍ଯ୍ୟନ୍ତ ଆଣିବା ପାଇଁ ତାଙ୍କ ସାହସ, ଶକ୍ତି ଓ ସାମର୍ଥ୍ୟକୁ ମନେ ପକାଇ ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ପୁଅର ଏହି ସଫଳତାରେ ବାପା ଅରୁଣ କୁମାର ସାହୁ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ଏହି ଅବସରରେ ଗୁରୁଜୀ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ସମାଜର ସବୁ ପୁଅ-ଝିଅ ନିଜ ବାପା-ମାଆ ଓ ପରିବାର ମନରେ ଏମିତି ଖୁସି ଆଣିଦିଅନ୍ତୁ ।



ପ୍ରେମ ପ୍ରତାରଣାରୁ ଆତ୍ମାହୁତି ଉଦ୍ୟମ

ମରଣ ସହ ସଂଘର୍ଷ କରୁଛନ୍ତି ଯୁବତୀ

ଭୁବନେଶ୍ୱର, (ସବୁ୍ୟ) : ପ୍ରେମ ପ୍ରତାରଣାରୁ ଆତ୍ମାହୁତି ଉଦ୍ୟମ କରିଥିବା ଯୁବତୀ ଏମ୍ସ ହସ୍ପିଟାଲରେ ମରଣ ସହ ସଂଘର୍ଷ କରୁଛନ୍ତି । ପରିବାର ଲୋକେ ହସ୍ପିଟାଲ ପାଖରେ ପହଞ୍ଚି ଘଟଣା ସମ୍ପର୍କରେ କିଛି ଜାଣିନଥିବା ଗଣମାଧ୍ୟମକୁ କହିଛନ୍ତି । ଇଙ୍ଗୋସିଟି ଥାନା ପୋଲିସ ପୁରୁଷ ବନ୍ଧୁଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଯାଜପୁର ଜିଲ୍ଲାର ଜଣେ ଯୁବତୀ ଅନୁଗୁଳରେ ଚାକିରି କରିଥିଲେ । ସେଠାରୁ ଆସି ଭୁବନେଶ୍ୱର ନୂଆପଲ୍ଲୀରେ ଚାକିରି କରି ଏଠାରେ ରହୁଥିଲେ । ଅନୁଗୁଳରେ ଚାକିରି କରିବା ସମୟରେ ସେଠିକାର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ । ଉଭୟଙ୍କ ସମ୍ପର୍କ ନିବିଡ ହେବା ସହ ପରସ୍ପର ବିବାହ ବନ୍ଧନରେ ବାନ୍ଧିହେବେ ବୋଲି ନିଷ୍ପତ୍ତି କରିଥିଲେ । ପାଡିତା ଅନୁଗୁଳରୁ ଭୁବନେଶ୍ୱରକୁ ଚାକିରି କରିବାକୁ ଆସିବା ପରେ ପ୍ରେମିକ ତାଙ୍କୁ ପ୍ରତାରଣା କରିଥିଲେ । ୨/୩ମାସ ପ୍ରତାରିତ ହେବା ପରେ ଉଭୟ ସହମତିରେ ବୁଝାମଣା ପାଇଁ ଇଙ୍ଗୋସିଟି ଥାନା ଅଞ୍ଚଳ ପଥରଗାଡିଆ ନିକଟ କାଫେରେ ବସିଥିଲେ ।

ଉଭୟଙ୍କ ମଧ୍ୟରେ କାଫେ ଭିତରେ କ'ଣ ଘଟିଲା କେଜାଣି ଯୁବତୀ ଜଣକ କାଫେ ପଛପଟକୁ ଯାଇ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ । ପାଖ କୋଠାରେ ରହୁଥିବା ଲୋକେ ଏହା ଦେଖି ବାହାରକୁ ଆସିବା ବେଳକୁ ନିଆଁ ପାଖରେ ଜଣେ ଯୁବକ ଠିଆ ହୋଇଥିଲେ । ତାଙ୍କୁ ଧରି ପଚରାଉଚରା କରିବା ସହ ଯୁବତୀଙ୍କ ଦେହରେ ଲାଗିଥିବା ନିଆଁକୁ ଲିଭାଇଥିଲେ । ସେତେବେଳକୁ ଯୁବତୀଙ୍କ ଶରୀର ୮୫ଭାଗରୁ ଊର୍ଦ୍ଧ୍ୱର ପୋଡିଯାଇଥାଏ । ଯୁବକ ଆତ୍ମାହୁତି ଉଦ୍ୟମ କରୁଥିବା ଯୁବତୀଙ୍କ ପ୍ରେମିକ ବୋଲି ଲୋକେ ଜାଣିବା ପରେ ଇଙ୍ଗୋସିଟି ଥାନାକୁ ଡାକି ଜିମା ଦେଇଥିଲେ । ପୋଲିସ ପାଡିତା ଯୁବତୀଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ଅବସ୍ଥା ଗୁରୁତର ଥିବା ଦେଖି କ୍ୟାପିଟାଲ ହସ୍ପିଟାଲରୁ ଡାକ୍ତର ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଏମ୍ସ ହସ୍ପିଟାଲରେ ପାଡିତା ଚିକିତ୍ସିତ ହେଉଥିବା ବେଳେ ଖବର ପାଇ ବିଳମ୍ବିତ ରାତିରେ ଯୁବତୀଙ୍କ ବାପା, ବଡବାପା ହସ୍ପିଟାଲ ନିକଟରେ ପହଞ୍ଚିଥିଲେ । ସେମାନେ ପ୍ରେମ, ପ୍ରତାରଣା ସମ୍ପର୍କରେ କିଛି ଜାଣିନଥିବା କହିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ଗଣମାଧ୍ୟମରେ କହିଛନ୍ତି । ଇଙ୍ଗୋସିଟି ଥାନା ପୋଲିସ ପୁରୁଷ ବନ୍ଧୁଙ୍କ ସମେତ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ମାନବ ଚାଲାଣ ରୋକିବାକୁ ଜିଲ୍ଲାସ୍ତରୀୟ ତାଲିମ ଶିବିର

ମହିଳା ଓ ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ଖୋର୍ଦ୍ଧା, (ସବୁ୍ୟ): ମାନବ ଚାଲାଣ ଭଳି ଏକ ଗୁରୁତର ସାମାଜିକ ଅପରାଧକୁ ରୋକିବା ସହ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଜନସଚେତନତା ଓ ପ୍ରଶାସନିକ ତତ୍ପରତା ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ମାନବ ଚାଲାଣ ବିରୋଧୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ଏଥିରେ ମହିଳା ଓ ଶିଶୁ ଚାଲାଣର ରୋକ, ଏହାର କାରଣ, ନିରାକରଣ ଏବଂ ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ତାଲିମ ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷତା କରି ଶ୍ରୀମତୀ ପ୍ରହରାଜ କହିଥିଲେ ଯେ, ମାନବ ଚାଲାଣ ଏକ ଘୃଣ୍ୟ ଓ ଅମାନବୀୟ କାର୍ଯ୍ୟ । ଏହାକୁ ପ୍ରତିରୋଧ କରିବା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ମଧ୍ୟ କର୍ତ୍ତବ୍ୟ । ଏଥିପାଇଁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ମାନବ ଚାଲାଣର ବିଭିନ୍ନ କାରଣକୁ ଚିହ

୩୭ ତମ ପିକନିକ୍ ଶିଶୁମେଳାର ପଞ୍ଚମ ସନ୍ଧ୍ୟା

ଭୁବନେଶ୍ୱର, (ସବୁ୍ୟ): ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍)ର ଏକାମ୍ର ହାଟରେ ଚାଲିଥିବା ସାତ ଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ପଞ୍ଚମ ସନ୍ଧ୍ୟା । ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କୁନି କୁନି ପିଲା ମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗୀତା ଓ ଷ୍ଟାଣ୍ଡ ଅପ କମେଡି। ସୁନ୍ଦର ବେଶ ପୋଷାକରେ ସଜ୍ଜିତ ହୋଇ ପିଲାମାନେ ବିଭିନ୍ନ ସାମାଜିକ ସମସ୍ୟା ଯଥା ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଜଳ ସରକ୍ଷଣ, ବୃକ୍ଷରୋପଣ, ପ୍ରଦୁ୍ୟଷଣ, ପୋଷଣ ଖାଦ୍ୟ, ଫାଷ୍ଟ ଫୁଡ, ଅନଲାଇନ ସୁରକ୍ଷା ଓ ପରିବେଶଗତ ସମସ୍ୟା ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ପିଲାମାନଙ୍କର ହାସ୍ୟ ରସାତ୍ମକ ପାରିବେଶଣ ଦର୍ଶକ ମାନଙ୍କର ମନମୋହିଥିଲା । ଆଜିର ପ୍ରତିଯୋଗୀତାର ମୁଖ୍ୟ ବିଚାରକ ମାନେଥିଲେ ଅନ୍ନପୂର୍ଣା ମହାନ୍ତି, ସୁମିତ୍ରା ତ୍ରିପାଠୀ, କମଳ ପତି ଓ ନଳିନୀ ପ୍ରଧାନ; କମେଡି ପାଇଁ ଭକ୍ତ ପ୍ରସାଦ ଚରଣ ପଟ୍ଟନାୟକ, ପ୍ରଦୀପ କୁମାର ଷଧଙ୍ଗୀ ପ୍ରମୁଖ । ଏହି ଅବସରରରେ ଏକ ବିଶେଷ ପିଲା ସିଦ୍ଧାର୍ଥ ମହାନ୍ତି ତବଲା ବାଦନ କରିଥିଲେ । ଆଜି ସନ୍ଧ୍ୟାରେ ଅତିଥିମାନେ ଥିଲେ ଅବସରପ୍ରାପ୍ତ ପ୍ରସାଶକ ତଥା ଓଡ଼ିଶା କର୍ମଚାରୀ ଚୟନ ଆୟୋଗର ପୂର୍ବତନ ଅଧକ୍ଷ ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ରାଜ୍ୟ ମହିଳା କମିଶନରର ସଦସ୍ୟା ମୁକ୍ତା ସାହୁ, ଖୋର୍ଦ୍ଧା ଶିଶୁ କଲ୍ୟାଣ



ସମିତିର ଆଧକ୍ଷା କାନ୍ତା ମହାନ୍ତି, ଅବସରପ୍ରାପ୍ତ ପ୍ରସାଶନିକ ଅଧିକାରୀ ପ୍ରଦୀପ ବିଶ୍ୱାଳ ଓ ଦିଲାପ ରାଉତରାୟ ଭୁବନେଶ୍ୱର ଶିଶୁ କଲ୍ୟାଣ ସମିତିର ସଦସ୍ୟା ମାନସୀ ପାରହି। ଅତିଥିମାନେ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ । ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଗାମୀ ପିଢୀ ସହିତ ଆଲୋଚନା" ର ଆୟୋଜନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ବାର୍ତ୍ତା ଦେବାସହ ଶିଶୁମେଳା ପିଲାମାନଙ୍କର ଭାଗୀଦାରିତା ପାଇଁ କିଭଳି ଏକ ଇତିହାସ ସୃଷ୍ଟି କରିପାରିତଛି ତାବିଷୟରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସାଗରିକା ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପିକକ୍ ଶିଶୁମେଳା କମିଟିର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ, ପିକକ୍ ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଉପସ୍ଥିତ ଥିଲେ । ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ପୂଜା ପଣ୍ଡା, ଉପମା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଦୁଇ ପୁଲିସ କର୍ମଚାରୀଙ୍କ ଅକାଳ ମୃତ୍ୟୁରେ ସମୂହ ଦୀପଦାନ

କାକଟପୁର (ସବୁ୍ୟ): ପୁରୀ ଜିଲ୍ଲାର ଦୁଇ କର୍ତ୍ତବ୍ୟନିଷ୍ଠ ପୁଲିସ କନଷ୍ଟେବଳ ଅଭୟ ଓ ହିମାଂଶୁ ରାୟଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଉଭୟଙ୍କ ବିୟୋଗରେ କାକଟପୁର ଥାନା ପୋଲିସ ଓ ବହୁମୁଖୀ ଯୁବ ସମନଓ୍ୱିତ ଚାରିଟେବୁଲ ଟ୍ରଷ୍ଟ, ପକ୍ଷରୁ କାକଟପୁର ମା ମଙ୍ଗଳା ମନ୍ଦିର ସମ୍ମୁଖରେ ତାଙ୍କର ଅମର ଆମ୍ାର ସଦଗତି ଓ ଶାନ୍ତି କାମନା ନିମନ୍ତେ ସମୂହ ଦୀପ ଦାନ କରାଯାଇଥିଲା । କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, ଏସ ଆଇ କୃଷ୍ଣ ଚନ୍ଦ୍ର ମହାରଣା, ଏ ଏସ ଆଇ ସଞ୍ଜୟ କୁମାର ପାଟଶାଣୀ,ବହୁମୁଖୀ ଚାରିଟେବୁଲ ଟ୍ରଷ୍ଟର ଜିଲ୍ଲା ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ସଭାପତି ସୁଶାନ୍ତ କୁମାର ପରିଡା, ଅତୁଲ୍ୟ ଜେନା, ଶୁଭାଶିଷ ମିଶ୍ର, ଓମ ପ୍ରକାଶ ବସ୍ତିଆ ବବୁଲ ନାୟକ ଓ ମା ଙ୍କ ସେବାୟତ ତାପସ କୁମାର ଦୀକ୍ଷିତ, ନଳିନୀ କାନ୍ତ ଦୀକ୍ଷିତ ପ୍ରମୁଖ ଯୋଗ ଦେଇ ସମୂହ ଦୀପ ଦାନ କରିଥିଲେ ।

କିସ୍ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ 'ମାଇଁ ଫୁଡ୍, ମାଇଁ ଲାଇଫ୍'

ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସକୁ ମନୋନୀତ

ଭୁବନେଶ୍ୱର, (ସବୁ୍ୟ): ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ (ଏନ୍ସିଏସ୍ସି)-୨୦୨୬ରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'ମାଇଁ ଫୁଡ୍, ମାଇଁ ଲାଇଫ୍' ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଉତ୍କର୍ଷ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛି । ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । 'ସ୍ଥାୟୀ ବିକାଶ ପାଇଁ ବିଜ୍ଞାନ ଓ ନବସର୍ଜନା' ବିଷୟବସ୍ତୁ ଆଧାରରେ କିସ୍ର ନବମ ଶ୍ରେଣୀର ଛାତ୍ର ଲକ୍ଷ୍ମଣ ହାଁସଦା ଓ ଛାତ୍ରୀ ବର୍ଷାରାଣୀ ଧାରୁଆଙ୍କ ମିଳିତ ପ୍ରସ୍ତୁତ ଏହି ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ । ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ ଏହି ପ୍ରକଳ୍ପର ମାର୍ଗଦର୍ଶନ କରିଥିଲେ । ଆଧୁନିକ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଓ ପୁଷ୍ଟିକର ଖାଦ୍ୟ



ସଂପର୍କରେ ସଚେତନତାର ଅଭାବ ଯୋଗୁଁ ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରସଙ୍ଗକୁ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି । ବାଉଁଶ କରଡ଼ି (ହାଣ୍ଡୁଆ) ଏବଂ କୋଳିଆରା ଶାଗ ବଡ଼ି ଭଳି ପାରମ୍ପରିକ ଓ ସ୍ଥାନୀୟ ଖାଦ୍ୟର ପୁଷ୍ଟିକର ଗୁଣ ତଥା ସ୍ୱାସ୍ଥ୍ୟ ଉପକାରିତା ସଂପର୍କରେ ଏଥିରେ ଆଲୋକପାତ କରାଯାଇଛି । ଏହି ପାରମ୍ପରିକ ଖାଦ୍ୟଗୁଡ଼ିକୁ ସନ୍ତୁଳିତ ଆହାରରେ ସାମିଲ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସହ ରକ୍ତଚାପ ଓ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟତା ମିଳିପାରିବାର ସମ୍ଭାବନା ଉପରେ ମଧ୍ୟ ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି । ଏଥିସହ ସ୍ଥାନୀୟ ଖାଦ୍ୟ ସଂପଦର ସୁରକ୍ଷା, ପାରମ୍ପରିକ ଖାଦ୍ୟାଭ୍ୟାସର ସଂରକ୍ଷଣ ଏବଂ ଏହାର ବ୍ୟବହାର ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ସମୁଦାୟଙ୍କ ଜୀବିକା ନିର୍ବାହ ଓ ଆର୍ଥିକ-ସାମାଜିକ ବିକାଶର ସୁଯୋଗ ସୃଷ୍ଟି ଉପରେ ମଧ୍ୟ ଆଲୋକପାତ କରାଯାଇଛି । ପାରମ୍ପରିକ ଖାଦ୍ୟ, ପୁଷ୍ଟି, ସ୍ୱାସ୍ଥ୍ୟ ଓ ସ୍ଥାୟୀ ବିକାଶ ମଧ୍ୟରେ ଥିବା ସଂପର୍କକୁ ଲୋକଲୋଚନକୁ ଆଣିବା ସହ 'ଆମର ପାରମ୍ପରିକ ଖାଦ୍ୟ ହିଁ ଆମର ପ୍ରାକୃତିକ ସଂପଦ' ବାର୍ତ୍ତା ପ୍ରସାର କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରକଳ୍ପ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରି ଏଥିରେ ସାମିଲ୍ ଛାତ୍ରଛାତ୍ରୀ ଓ ଗାଇଡ୍ ଟିଚରଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରକଳ୍ପର ସଫଳତା କାମନା କରିଥିଲେ ।

ବାତ୍ୟା ଅକୱାନ ଆଶଙ୍କା।

ନଭେମ୍ବର ୨୦ରେ ଧବଳେଶ୍ୱର, ସିଂହନାଥ ଓ ମା' ଭଟ୍ଟାରିକାଙ୍କ ମନ୍ଦିରକୁ ଭକ୍ତଙ୍କୁ ମନା

କଟକ,(ସବୁ୍ୟ) :ସମ୍ଭାବ୍ୟ ବାତ୍ୟା ଅକୱାନ କୁ ଦୃଷ୍ଟିରେ ରଖି ଆସନ୍ତା ନଭେମ୍ବର ୨୦ ତାରିଖ ଦିନ କଟକ ଜିଲ୍ଲାର ତିନି ପ୍ରମୁଖ ଧର୍ମପୀଠ ବାବା ଧବଳେଶ୍ୱର, ବାବା ସିଂହନାଥ ଓ ମା' ଭଟ୍ଟାରିକା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ନିଷେଧ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (IMD) ପକ୍ଷରୁ ବାତ୍ୟା ଅକୱାନ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯିବା ସହ ନଭେମ୍ବର ୨୦ ତାରିଖ ଦିନ ଏହି ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ଓ ପବନ ବହିବାର ଆଶଙ୍କା ରହିଛି ।

ନଭେମ୍ବର ୨୦ ତାରିଖ ପଞ୍ଚକ ବ୍ରତର ପ୍ରଥମ ଦିନ ହୋଇଥିବାରୁ ଏହି ତିନି ଧର୍ମପୀଠରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ବାତ୍ୟାଜନିତ ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ଭକ୍ତଙ୍କ ଜୀବନ ଓ ସୁରକ୍ଷା ପ୍ରତି ବିପଦ ଆଶଙ୍କା କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ମହାନଦୀ ମଧ୍ୟସ୍ଥ ଦ୍ୱୀପରେ ଅବସ୍ଥିତ ବାବା ଧବଳେଶ୍ୱର ଓ ବାବା ସିଂହନାଥଙ୍କ ପୀଠ ଏବଂ ମହାନଦୀ କୂଳରେ ଅବସ୍ଥିତ ମା' ଭଟ୍ଟାରିକାଙ୍କ ପୀଠକୁ ଭକ୍ତମାନଙ୍କ ଯାତାୟାତ ଏହି ଦିନ ସମ୍ପୂର୍ଣ୍ଣ ବନ୍ଦ ରହିବ। ବାବା ଧବଳେଶ୍ୱରଙ୍କ ପୀଠକୁ ଯିବା ପାଇଁ ଥିବା ଝୁଲା ପୋଲ ଓ ଆର୍ସିସି ପୋଲ ଦେଇ ଭକ୍ତଙ୍କ ଯାତାୟାତ ସହ ମହାନଦୀରେ ଡଙ୍ଗା ଚଳାଚଳ ବନ୍ଦ ରହିବ। ସେହିପରି ବାବା ସିଂହନାଥ ଓ ମା' ଭଟ୍ଟାରିକାଙ୍କ ପୀଠକୁ ଭକ୍ତଙ୍କ ଯାତାୟାତ ଏବଂ ମା' ଭଟ୍ଟାରିକାଙ୍କ ପୀଠକୁ ଡଙ୍ଗା ଯୋଗେ ଯାତ୍ରା ମଧ୍ୟ ନିଷିଦ୍ଧ କରାଯାଇଛି।

ଏହି ତିନି ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ପାରମ୍ପରିକ ରୀତିନୀତି ଅନୁଯାୟୀ ସେବାୟତମାନଙ୍କ ଦ୍ୱାରା ସମ୍ପାଦିତ ହେବ। ତେବେ ଆଇନଶୃଙ୍ଖଳା ରକ୍ଷା, ବିପର୍ଯ୍ୟୟ ମୁକାବିଲା, ଜରୁରୀକାଳୀନ, ଚିକିତ୍ସା ଓ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ସହ ମନ୍ଦିରର ନୀତିକାନ୍ତିରେ ନିୟୋଜିତ ସେବାୟତଙ୍କ ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ଏହି ଆଦେଶର ଉଲ୍ଲଂଘନ କଲେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣ ଓ ଶ୍ରଦ୍ଧାଳୁମାନେ ନିଜର ତଥା ପରିବାରର ସୁରକ୍ଷା ଦୃଷ୍ଟିରୁ ନଭେମ୍ବର ୨୦ ତାରିଖ ଦିନ ଏହି ତିନି ଧର୍ମପୀଠକୁ ଯାତ୍ରା ନକରିବା ସହ ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରିବାକୁ ଅନୁରୋଧ କରାଯାଇଛି।

୫୦୦ ଏକର ଜମି ଶ୍ରୀ ଜଗନ୍ନାଥଙ୍କ ଖାତାକୁ ଫେରିବା ମାମଲା

ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତୃତୀୟ ପକ୍ଷ କରିବେନି ହସ୍ତକ୍ଷେପ :ହାଇକୋର୍ଟ

କଟକ,(ସବୁ୍ୟ): ପୁରାର ଶଙ୍କରପୁର ଅଞ୍ଚଳରେ ୫୦୦ ଏକର ବିବାଦୀୟ ଜମି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଖାତାକୁ ଫେରିଆସିବା ପାଇଁ ଚକବନ୍ଦୀ କମିସନର ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ଆଜି ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନୋଟିସ୍ ଜାରି କରିଛନ୍ତି । ଅପରପକ୍ଷରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଜମି ଉପରେ ତୃତୀୟ ପକ୍ଷ କୌଣସି ପ୍ରକାର କାର୍ଯ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ ଅନ୍ତରାଣ ରୋକ୍ ଲଗାଇଛନ୍ତି । ମହନ୍ତ ଶ୍ରୀ ନାରାୟଣ ରାମାନୁଜ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି । ଜାନୁଆରୀ ୧୩କୁ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ପୁରାର ଏକ ମଠର ମହନ୍ତ ୧୯୨୨-୨୩ ମସିହାରେ ମହାପ୍ରଭୁ ଜଗନ୍ନାଥଙ୍କୁ ଏହି ୨୯ ଏକର ଜମି ଦାନ କରି ଦେଇଥିଲେ। ୧୯୨୬ ମସିହାରେ ଏହି ଜମି ସେଟେଲେମେଣ୍ଟ ରେକର୍ଡରେ ମହାପ୍ରଭୁ ଜଗନ୍ନାଥ ବିଜେ,ଉତ୍ତରପାର୍ଶ୍ୱ ମଠ ଦେବୋତ୍ତର ବୋର୍ଡ ଜରିଆରେ କରାଗଲା । କିନ୍ତୁ ୨୦୧୦ ମସିହା ଫେବ୍ରୁଆରୀ ୧୮ ତାରିଖରେ ପୁରା ଅତିରିକ୍ତ ଉପ ଜିଲ୍ଲାପାଳ ଏହି ଜମିରୁ ମହାପ୍ରଭୁଙ୍କ ନାମକୁ କାଟିଦେଇ ମଠ ମହନ୍ତଙ୍କ ନାମରେ ଜମିଟି କରିଦେଇଥିଲେ। ମାତ୍ର ୨୬ ଦିନ ମଧ୍ୟରେ ଏହି ସମସ୍ତ ପ୍ରକ୍ରିୟା ଶେଷ କରାଯାଇଥିଲା । ୨୦୧୩ ମସିହାରେ ମହର୍ଷିଙ୍କ ନାମରେ ଏହି ଜମିର ରେକର୍ଡ ଅଫ୍ ରାଇଟ୍ ପ୍ରସ୍ତୁତ କରାଗଲା। ଏହି ରେକର୍ଡ ଅଫ୍ ରାଇଟ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚକବନ୍ଦୀ କମିସନରଙ୍କ ନିକଟରେ ଚ୍ୟାଲେଞ୍ଜ କରାଯାଇଥିଲା । ୨୦୧୦ ମସିହାରେ ତତ୍କାଳୀନ ଅତିରିକ୍ତ ଉପ ଜିଲ୍ଲାପାଳଙ୍କ ପକ୍ଷରୁ ଏହି ଜମିର ରେକର୍ଡକୁ ନେଇ ଯେଉଁ ପ୍ରକ୍ରିୟା କରାଯାଇଥିଲା ସେଥିରେ ବ୍ୟାପକ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଥିଲା । ଫଳରେ ଚକବନ୍ଦୀ କମିସନର ବିଭିନ୍ନ ପକ୍ଷ ଏବଂ ବିଭିନ୍ନ ରେକର୍ଡକୁ ତର୍ଜମା କରି ଉକ୍ତ ବିବାଦୀୟ ୨୯ ଏକର ଜମିର ଚୂଡ଼ାନ୍ତ ଚକବନ୍ଦୀ ରେକର୍ଡ କରାଯାଇଥିଲା ତାହାକୁ ବାତିଲ୍ କରିଦେବା ସହ ତାକୁ ମହାପ୍ରଭୁ ଜଗନ୍ନାଥଙ୍କ ଖାତାକୁ ଫେରାଇ ନେବାକୁ ପୁରା ତହସିଲ୍ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚକବନ୍ଦୀ କମିସନରଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାମାନୁଜ ଦାସ ହାଇକୋର୍ଟକୁ ଆସିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ଏହା ଏକ ସ୍ଥିତିବାନ ସମ୍ପତ୍ତି । କେହି ଜଗନ୍ନାଥଙ୍କୁ ଦାନ କରି ଦେଇଛନ୍ତି ବୋଲି ଏହାର କୌଣସି ପ୍ରମାଣ ମଧ୍ୟ ନାହିଁ । ତେଣୁ ଏଭଳି ସ୍ଥିତିରେ ଜମିକୁ ମନମୁଖୀ ଭାବେ ଫେରସ୍ତ ନେଇ ଜଗନ୍ନାଥଙ୍କ ନାମରେ କରାଯାଇ ପାରିବ ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା । ହାଇକୋର୍ଟ ଆଜି ମାମଲାର ପ୍ରାଥମିକ ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ନିଷ୍ପତ୍ତି

ସରକାରୀ କର୍ମଚାରୀଙ୍କ ପାଇଁ ଖୁସିର ମାହୋଲ ସୃଷ୍ଟି କରିଛି: ଡଃ ତପନ ଚାନ୍ଦ

ଭୁବନେଶ୍ୱର, (ସବୁ୍ୟ) : ଦରଦାମ ବୃଦ୍ଧି ଅର୍ଥନୀତିର ଏକ ନିଚ୍ଛକ ବାସ୍ତବତା। ସମ୍ପ୍ରତି ଭୂ-ରାଜନୈତିକ ଅସ୍ଥିରତା, ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଯୁଦ୍ଧର ବାତାବରଣ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଭିନ୍ନ ନିଷ୍ପତ୍ତି ସମଗ୍ର ବିଶ୍ୱରେ ଦରଦାମ ଉପରେ ପ୍ରଚଣ୍ଡ ପ୍ରଭାବ ପକାଇଛି। ମୁଖ୍ୟତଃ ତୈଳ ତଥା ତୈଳଜାତ ଦ୍ରବ୍ୟର ପରିବହନ ଓ ଯୋଗାଣ କ୍ଷେତ୍ରରେ ବିଭ୍ରାଟ ଦରଦାମ ବୃଦ୍ଧି ସହ ଖାଉଟିଙ୍କ ଉପରେ ସିଧାସଳଖ ଚାପ ପକାଇଛି ବୋଲି ଏକ ପ୍ରେସ୍ ବିବୃତି ଜରିଆରେ ରାଜ୍ୟ ମୁଖପାତ୍ର ଡଃ ତପନ ଚାନ୍ଦ କହିଛନ୍ତି। ଖୁଚୁରା ମୂଲ୍ୟ ସୂଚକାଙ୍କ ଆରବିଆଇର ନିର୍ଦ୍ଧାରିତ ୬ ପ୍ରତିଶତ ସୀମାକୁ ଅତିକ୍ରମ କରିଥିବା ପରିପ୍ରେକ୍ଷୀରେ ଓଡ଼ିଶାର ମୋହନ ମାଝୀ ସରକାରଙ୍କ ପକ୍ଷରୁ ମହଙ୍ଗା ଭତାରେ ୩ ପ୍ରତିଶତ ବୃଦ୍ଧି ନିଷ୍ପତି ସବୁ ମହଲରେ ସ୍ୱାଗତଯୋଗ୍ୟ ହୋଇଛି। ଏହି ବୃଦ୍ଧି ଫଳରେ ମହଙ୍ଗା ଭତା ୬୦ ପ୍ରତିଶତରୁ ବୃଦ୍ଧି ପାଇ ୬୩ ପ୍ରତିଶତରେ ପହଁଚିଛି। ଏହା ସରକାରୀ କର୍ମଚାରୀ ମହଲରେ ଖୁସି ଓ ଆନନ୍ଦର ଲହରୀ ସୃଷ୍ଟି କରିଛି ବୋଲି ଡଃ ତପନ ଚାନ୍ଦ କହିଛନ୍ତି। ବର୍ତମାନ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ସହିତ ପୂର୍ବତନ କର୍ମଚାରୀ ତଥା ପେନ୍ସନ୍ଭୋଗୀମାନଙ୍କ ପାଇଁ ମଧ୍ୟ ଟିଆଇରେ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ଫଳରେ ଏହା ୬୩ ପ୍ରତିଶତରେ ପହଁଚିଛି। ଏହି ୩ ପ୍ରତିଶତ ମହଙ୍ଗା ଭତା ବୃଦ୍ଧି ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ପିଛିଲା ଭାବେ ଲାଗୁ ହେବ। ବର୍ଦ୍ଧିତ ମହଙ୍ଗା ଭତା ଚଳିତ ନଭେମ୍ବର ମାସର ଦରମା ସହିତ ନଗଦ ଆକାରରେ ପ୍ରଦାନ କରାଯିବ। ଏହି ମହଙ୍ଗା ଭତା ବୃଦ୍ଧି ଦ୍ୱାରା ରାଜ୍ୟର ପ୍ରାୟ ସାଢ଼େ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍ସନ୍ଭୋଗୀ ଉପକୃତ ହେବେ। ଏହି ପ୍ରଶଂସନୀୟ ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଡଃ ତପନ ଚାନ୍ଦ।

ବନ୍ୟା ମୁକାବିଲା ପାଇଁ ରାଜ୍ୟରେ ୨୪ ଘଣ୍ଟିଆ ସତର୍କତା।

ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଲେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, (ସବୁ୍ୟ): ପରିବର୍ତ୍ତିତ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ୍ୟା ମୁକାବିଲା ପ୍ରସ୍ତୁତିକୁ ଅଧିକ ସୁଦୃଢ କରିବା ସହ ରାଜ୍ୟବ୍ୟାପୀ ୨୪ ଘଣ୍ଟିଆ ସତର୍କତା ଓ କ୍ଷେତ୍ରସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଜୋରଦାର କରିଛି ଜଳ ସମ୍ପଦ ବିଭାଗ। ଏହି ପରିପ୍ରେକ୍ଷୀରେ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ଯୋଜନା ଓ ନକ୍ସା ଏବଂ ସର୍ବୋଚ୍ଚ ଯନ୍ତ୍ରୀ, ଯୋଜନା ଓ ପର୍ଯ୍ୟବେକ୍ଷଣଙ୍କ ସମେତ ସମସ୍ତ ମୁଖ୍ୟ ଯନ୍ତ୍ରୀ ଓ ବେସିନ୍ ମ୍ୟାନେଜର ଯୋଗଦେଇଥିଲେ। ରାତ୍ରିକାଳୀନ ସତର୍କତା ଉପରେ ବି

ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲା

ବିଦ୍ୟା ଭାରତୀ ଜାମିନ ଆବେଦନ ଖାରଜ

ପାରଳାଖେମୁଣ୍ଡି, (ସବ୍ୟୁ): ରାଜ୍ୟରେ ବହୁଚର୍ଚ୍ଚିତ ଏଫ୍ ସୌମ୍ୟରଞ୍ଜନ ମହାପାତ୍ର ରହସ୍ୟମୟ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ବିଦ୍ୟା ଭାରତୀ ଜାମିନ ଆବେଦନ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ଆଜି ଖାରଜ ହୋଇଯାଇଛି । ବିଦ୍ୟା ଭାରତୀଙ୍କ ଜାମିନ ଆବେଦନ ଶୁଣାଣୀ ଗତକାଲି ପାରଳାଖେମୁଣ୍ଡି ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ କୋର୍ଟରେ ହୋଇଥିଲା । ଶୁଣାଣୀ ପରେ ରାୟ ସଂରକ୍ଷିତ ରଖା ଯାଇଥିଲା । ବୁଧବାର ଅତିରିକ୍ତ ଜିଲ୍ଲା ସେସନ୍ ଜଜ୍ ରାୟ ପ୍ରକାଶ କରି ବିଦ୍ୟାଭରତୀଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ସୁତନାଯୋଗ୍ୟ ଏହା ପୂର୍ବରୁ ବିଦ୍ୟାଭାରତୀ ଗିରଫ ଦାରୀରୁ ସୁରକ୍ଷା ପାଇଁ ଉଚ୍ଚ ନ୍ୟାୟଳୟ ଓ ସୁପ୍ରିକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ଉଭୟ ଅଦାଲତରେ ତାଙ୍କର ଜାମିନ ଆବେଦନ ଖାରଜ ହେବାପରେ ନଭେମ୍ବର ୨ ତାରିଖରେ ପାରଳାଖେମୁଣ୍ଡି ଏସଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ । ସେଠାରେ ଜାମିନ ଆବେଦନ ଖାରଜ ହେବାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ରୋଷେୟା ମନ୍ମଥ କୁମ୍ଭଙ୍କୁ ସେପେଫମ୍ବର ୩୦ ୨୦୨୬ରେ ତାଙ୍କ ଗ୍ରାମରୁ ଗିରଫ କରାଯାଇଥିଲା । ଏବେ ଏହି ମାମଲାରେ ପାରଳାଖେମୁଣ୍ଡିର ପୂର୍ବତନ ଡିଏଫ୍ଓଙ୍କ ସମେତ ତିନିଜଣ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତରେ ଅଛନ୍ତି ।

ଭଞ୍ଜପୁରରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ପାଇଁ ଘଟ ଉତ୍ତୋଳନ

ଭବ୍ୟ ଶୋଭାଯାତ୍ରାରେ କମ୍ପିଲା ସହର



ବାରିପଦା, (ସବ୍ୟୁ) : ଭଞ୍ଜପୁରଠାରେ ମା' ଜଗଦ୍ଧାତ୍ରୀଙ୍କ ୭୪ତମ ପୂଜା ଅବସରରେ ମଙ୍ଗଳବାର ଭବ୍ୟ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଅପରାହ୍ନ ୪ଟାରେ ବେଲଗଡ଼ିଆ ନିକଟସ୍ଥ ଚିପଟ ନଦୀରୁ ବିଧିବିଧାନ ଅନୁଯାୟୀ ଘଟ ଉତ୍ତୋଳନ ପରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ଏହା ବେଲଗଡ଼ିଆ ଛକ, ଷ୍ଟାଡିୟମ ଗୋଲେଇ, ଭଞ୍ଜପୁର ଛକ ଓ ବାଘଘର ଛକ ଦେଇ ବିଭିନ୍ନ ସାହି ପରିକ୍ରମା କରି ଜଗଦ୍ଧାତ୍ରୀ ମେଳା ପଡ଼ିଆସ୍ଥିତ ପୂଜା ମଣ୍ଡପରେ ପହଞ୍ଚିଥିଲା । ଶୋଭାଯାତ୍ରା ଦେଖିବା ପାଇଁ ରାସ୍ତାର ଉଭୟ ପାଶ୍ୱର୍ରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏଥିରେ ପୁରୀର ଘୋଷ ଘଣ୍ଟୁଆ, ଢେଙ୍କାନାଳର ପାରମ୍ପରିକ ସିଂହବାଜା, ଛତିଶଗଡ଼ର ଝାଙ୍କି ଦଳ, ମୟୂରଭଞ୍ଜର ପ୍ରସିଦ୍ଧ ଛଉବାଜା, ସାରିଷକୋଠିର ସଂକୀର୍ତ୍ତନ ଦଳ, ପଶ୍ଚିମବଙ୍ଗର ମେଦିନୀପୁରରୁ ଆସିଥିବା ଢାକବାଜା ଏବଂ ବାରିପଦାର ବ୍ରାହ୍ମଣମାନଙ୍କ ବେଦପାଠ ଦଳ ସାମିଲ ହୋଇଥିଲେ । ନୃତ୍ୟ, ଗୀତ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେତାଳେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ଅବନୀ ଶଙ୍କର ଷଡ଼ଙ୍ଗୀ, ରଘୁନାଥ ନନ୍ଦ, ସତ୍ୟନାରାୟଣ ନନ୍ଦ ଓ ବିଜୟ କୁମାର ପଣ୍ଡା ପାଲିଙ୍କିରେ ମା"ଙ୍କ ଘଟ ଧାରଣ କରିଥିବାବେଳେ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ ଓ ପ୍ରମୋଦ ମହାନ୍ତି ସଂକଳ୍ପ କାର୍ଯ୍ୟ ସମ୍ପାଦନ କରିଥିଲେ । ମହାଜନ ସମ୍ପଦ ନନା, ମନୋଜ ନନା ଓ କାହ୍ନୁ ନନା ପୂଜକ ଭାବେ ପୂଜାବିଧି ଦାୟିତ୍ୱ ତୁଲାଇଥିଲେ । ରାତି ୯ଟାରୁ ଭୋର ୩ଟା ମଧ୍ୟରେ ମା'ଙ୍କ ପୂଜାବିଧି ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଭବ୍ୟ ଆୟୋଜନରେ ପୂଜା କମିଟିର ଶତାଧିକ ସଦସ୍ୟ ସାମିଲ ହୋଇଥିଲେ । ମା'ଜଗଦ୍ଧାତ୍ରୀଙ୍କ ପୂଜା ଅବସରରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଆସନ୍ତା ୨୨ତାରିଖରୁ ଆରମ୍ଭ ହେବ ।

ବ୍ରହ୍ମପୁର ମହାନଗର ନିଗମ ୱାର୍ଡ ପୁନର୍ଗଠନ ଦାବି ନେଇ ସ୍ମାରକପତ୍ର

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ପୁନର୍ଗଠନ, ସୀମା ନିର୍ଦ୍ଧାରଣ ନେଇ ଆଜି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ମହାନଗର ନିଗମ ଆୟୁକ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପତ୍ରରେ ଚାରୋଟି ମୁଖ୍ୟ ଦାବି ମଧ୍ୟରେ ପୌର ନିଗମ ଆଇନ, ୨୦୦୩ ଧାରା ୬୦ ଉପଧାରା ୧ ଅନୁଯାୟୀ ପ୍ରତି ୱାର୍ଡ଼ର ଜନସଂଖ୍ୟା ସମାନ ରହୁ, ଦଶ ପ୍ରତିଶତରୁ ଅଧିକ ତାରତମ୍ୟ ନ ରହୁଛ, ଧାରା ୬୦ ଉପଧାରା ୨ ଅନୁଯାୟୀ ଭୌଗୋଳିକ ସଂହତି ରଖାଯାଉ, ଗୋଟେ ଗାଁ, ବସ୍ତିକୁ ଭାଙ୍ଗି ଦୁଇ ୱାର୍ଡ କରା ନଯାଉ, ଜନସଂଖ୍ୟା ଓ କ୍ଷେତ୍ରଫଳ ଆଧାରରେ ଉଚିତ ପ୍ରତିନିଧିତ୍ୱ ମିଳୁ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳା ସଂରକ୍ଷଣରେ ନ୍ୟାୟସଙ୍ଗତ ପଦ୍ଧତି ପାଳନ କରାଯାଉ ଆଦି ରହିଛି । ୱାର୍ଡ ଗଠନ ଭୁଲ ହେଲେ ଆଗାମୀ ପାଞ୍ଚବର୍ଷ ସହରତଳି ଅଞ୍ଚଳବାସୀ ଭୋଗିବେ ଏହାରି ଉପରେ ଗୁରୁତ୍ୱର ସହ ବିଚାର କରାଯାଉ ବୋଲି ଦାବି କରିଛନ୍ତି । କାର୍ଯ୍ୟକ୍ରମରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପ ସଭାପତି ଦେବୀ ପ୍ରସାଦ ଦାସ , ସଂଗଠନ ସମ୍ପାଦକ ଲକ୍ଷ୍ମୀ କାନ୍ତ ଜେନା, ଯୁଗ୍ମ ସମ୍ପାଦକ ଏମ୍ ଲାବଣ୍ୟ ପାତ୍ର, ସହ ସଂଗଠନ ସମ୍ପାଦକ ଜୀତେନ୍ଦ୍ର କୁମାର ପାଢ଼ୀ, ଦିଗାମ୍ବର ସାମନ୍ତରାୟ, କୋଷାଧକ୍ଷ ସୁନିଲ୍ ପାତ୍ର, ଉପଦେଷ୍ଟା ହରିହର ନାୟକ, ପ୍ରଶାନ୍ତ ପଣ୍ଡା ଓ କାଳିନ୍ଦୀ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ମୟୂରଭଞ୍ଜରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

କଂଗ୍ରେସରେ ଯୋଗଦେଲେ ଯୁବନେତା ସଂଜୀବ ରାଉତ

ବିଜେଡି ଓ ବିଜେପି ସରକାରକୁ ଟାର୍ଗେଟ କଲେ ପିସିସି ସଭାପତି ଭକ୍ତ ଦାସ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ବୁଧବାର ବିଶାଳ ରାଲି ଓ ମିଶ୍ରଣ ପର୍ବ ଆୟୋଜିତ ହୋଇଛି । ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ରାଲି ସହରର ବିଭିନ୍ନ ରାସ୍ତା ପରିକ୍ରମା କରି କଲେଜ ପଡ଼ିଆରେ ପହଞ୍ଚିଥିଲା । ଏଥିରେ ହଜାର ହଜାର କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ ।

କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ବାରିପଦାର ଯୁବନେତା ସଂଜୀବ ରାଉତ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଥିଲେ । ତାଙ୍କ ସହ ରାସଗୋବିନ୍ଦପୁର ବ୍ଲକ ଅଧକ୍ଷା ପାର୍ବତୀ ହାଁସଦାଃ ଓ ମୋରଡ଼ା ବ୍ଲକର ପୂର୍ବତନ ଅଧକ୍ଷା ସାଲତି ମୁର୍ମୁଙ୍କ ସମେତ ବିଭିନ୍ନ ଦଳର ବହୁ ନେତା ଓ କର୍ମୀ ଦଳରେ ସାମିଲ ହୋଇଥିଲେ । ଏହି ଅବସରରେ ଭକ୍ତ ଚରଣ ଦାସ ପୂର୍ବତନ ବିଜେଡି ସରକାର ଓ ବର୍ତ୍ତମାନର ବିଜେପି ସରକାରକୁ ସମାଲୋଚନା କରିଥିଲେ । ରାଜ୍ୟରେ ଲୋକଙ୍କ ମଧ୍ୟରେ ରାଜନୈତିକ ଓ ସାମାଜିକ ସଚେତନତା ବୃଦ୍ଧି ପାଉଥିବା ଦର୍ଶାଇ ଆଗାମୀ ଦିନରେ କଂଗ୍ରେସ ଲୋକଙ୍କ ଆସ୍ଥା ଫେରିପାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କଂଗ୍ରେସରେ ଯୋଗଦେବା ପରେ ସଂଜୀବ ରାଉତ କହିଥିଲେ ଯେ, ରାହୁଲ ଗାନ୍ଧୀଙ୍କ ବିଚାରଧାରା ଓ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେ ଦଳରେ ସାମିଲ ହୋଇଛନ୍ତି । ତୃଣମୂଳ ସ୍ତରରୁ ଲୋକଙ୍କ ସେବା କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ଦଳ ପକ୍ଷରୁ ମିଳୁଥିବା ଦାୟିତ୍ୱକୁ ସେ ନିଷ୍ଠାର ସହ ନିର୍ବାହ କରିବେ ବୋଲି କହିଥିଲେ ।

ଏହି ମିଶ୍ରଣ ପର୍ବରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର, ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ମନୋଜ ରାଉତଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ । ଏହି ରାଲି ଓ ମିଶ୍ରଣ ପର୍ବ ମାଧ୍ୟମରେ ଜିଲ୍ଲାରେ ସାଂଗଠନିକ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ଉପରେ ଦଳ ଗୁରୁତ୍ୱ ଦେଇଛି ।

24001/557/2627

ଓଡ଼ିଶା ସରକାର
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

ନଥି ସଂ- **XVI-01/2025/446** ତା- **07/11/2026**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବଂଚୋ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ମଠ, ଥାନା–ନନ୍ଦିପଦା, ତହସିଲ–ହାଟଡିହି, ଜିଲ୍ଲା–କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୫୬ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR&R Act-2013)** ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ବଂଚୋ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ମେଗାଲିଫ୍ଟ ପ୍ରକଳ୍ପ ଡିଭିଜନ, କେନ୍ଦୁଝର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ବଂଚୋ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଆନନ୍ଦପୁର ।

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତ୍ୱର ନାମ
କେନ୍ଦୁଝର	ହାଟଡିହି	ମଠ	ଗ୍ରାମାଞ୍ଚଳ	ସଂଲଗ୍ନ	ସଂଲଗ୍ନ	୧.୭୮୦	୦.୫୬୦	ସଂଲଗ୍ନ
					ମୋଟ	୧.୭୮୦	୦.୫୬୦	

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା/- ବିଶାଳ ସିଂ
ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ଭୂ ଅର୍ଜନ ମାମଲା ସଂଖ୍ୟା-୫୩/୨୦୨୨
ଏ. ୫.୩୯ ଡି.

ପ୍ରକଳ୍ପ ର ନାମ - ବଂଚୋ, ବୃହତ ଉଠାଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ।
ମୌଜା - ମଠ, ଥାନା - ନନ୍ଦିପଦା, ତହସିଲ - ହାଟଡିହି
ଥାନା ନଂ-୧୫୪, ତହସିଲ- ହାଟଡିହି, ଜିଲ୍ଲା- କେନ୍ଦୁଝର

କ୍ରମିକ ନଂ	ଖତିଆନ ନଂ	ପ୍ରଜାର ନାମ ଓ ଠିକଣା	ପ୍ଲଟ ନଂ	କିସମ	ମୋଟ ରକବା	ଅର୍ଜନ ରକବା	ମନ୍ତବ୍ୟ
୧	୨୨୨	ମହେଶ୍ୱର ଜେନା, ଅର୍ଜୁନ ଚରଣ ଜେନା, ପି–ଅଲେଖ ଜେନା, ଜା–ଖଣ୍ଡାୟତ ବା – କପୁଣ୍ଡି	୫୨୭	ଶାରଦ–୨	୦.୨୧୦	୦.୦୭୦	
୨	୩୩	କାହ୍ନୁ ଚରଣ ନାୟକ, ପି– ଆର୍ତ୍ତତ୍ରାଣ ନାୟକ ଜା– ଯଉତିଶ, ବା–ଆନନ୍ଦପୁର	୫୨୮ ୫୩୫	ଶାରଦ–୨ ଶାରଦ–୨	୦.୨୨୦ ୦.୩୭୦	୦.୧୬୦ ୦.୦୪୦	
୩	୩୨	କାହ୍ନୁ ଚରଣ ଯେନା, ଲକ୍ଷ୍ମୀଧର ଜେନା, ପି–ଜଗବନ୍ଧୁ ଯେନା, ଜା– ଖଣ୍ଡାୟତ, ବା–ନିଜଗାଁ	୫୪୦	ଶାରଦ–୨	୦.୯୮୦	୦.୨୯୦	
				ମୋଟ	୧.୭୮୦	୦.୫୬୦	

ସ୍ୱା/- ଭୂ-ଅର୍ଜନ ଅଧିକାରୀ,
କେନ୍ଦୁଝର

Sd/- AMIN
L.A. (Gen.) Section
Collectorate, Keonjhar

Sd/- Land Acquisition Inspector
L.A. (Gen.) Section
Collectorate, Keonjhar

ଭୂଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
କେନ୍ଦୁଝର

OIPR : 24001/24045/3/26-27/0021

ଖେଳ ଓ କୌତୂହଳ ମାଧ୍ୟମରେ ଶିକ୍ଷାଦାନ, ବଢୁଛି ଛାତ୍ରଛାତ୍ରୀଙ୍କ ଦକ୍ଷତା



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ଏକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିବା ଛାତ୍ର ସୁଭ୍ରକାନ୍ତ ରାଉତଙ୍କ ପାଇଁ ବିଦ୍ୟାଳୟ କେବଳ ପାଠପଢ଼ାର ଏକ ସ୍ଥାନ ନୁହେଁ, ବରଂ ନୂଆ ନୂଆ ଜିନିଷ ଆବିଷ୍କାର, କୌତୂହଳ ଓ ଆନନ୍ଦରେ ଭରପୂର ଏକ ଆକର୍ଷଣୀୟ ଦୁନିଆ । ପ୍ରତିଦିନ ସକାଳେ ଶ୍ରେଣୀଗୃହରେ ତାଙ୍କର ଉପସ୍ଥିତି ଶିକ୍ଷା ପରିବେଶକୁ ଉତ୍ସାହ ଓ ଆନନ୍ଦରେ ଭରିଦିଏ। ନୂଆ କିଛି ଶିଖିବାର ଆଗ୍ରହ ତାଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ଆସିବା ପାଇଁ ପ୍ରେରିତ କରେ । ନାଚ, ଗୀତ, କବିତା, ଚିତ୍ରାଙ୍କନ ଓ ମଜାଦାର ଖେଳ ମାଧ୍ୟମରେ ଶିକ୍ଷାଦାନ କରାଯାଉଥିବାରୁ ବିଦ୍ୟାଳୟ ତାଙ୍କ ପାଇଁ ଦ୍ୱିତୀୟ ଘର ପାଲଟିଛି ।

ଏହି ଆନନ୍ଦଦାୟକ ଶିକ୍ଷଣ ପରିବେଶରେ ସେ ନୂଆ ନୂଆ ଧାରଣାକୁ ସହଜରେ ବୁଝିପାରୁଛନ୍ତି । ଗଣିତ ହେଉଛି ସୁଭ୍ରକାନ୍ତଙ୍କର ସବୁଠାରୁ ପ୍ରିୟ ବିଷୟ । ସଂଖ୍ୟାର ଦୁନିଆକୁ ଜାଣିବା ସହ ପ୍ରତ୍ୟେକ ପ୍ରଶ୍ନର ସମାଧାନ କରିବାକୁ ସେ ବେଶ୍ ଆଗ୍ରହୀ । ଆତ୍ମବିଶ୍ୱାସର ସହ ସେ କହନ୍ତି, ମୋର ଶିକ୍ଷକମାନେ ମୋତେ ବହୁତ ସାହାଯ୍ୟ କରନ୍ତି । ମୁଁ ଯେତେବେଳେ ପ୍ରଶ୍ନ ପଚାରେ, ସେମାନେ ବାରମ୍ବାର ମୋତେ ତାହାର ଉତ୍ତର ବୁଝାଇ ଦିଅନ୍ତି । ଶିକ୍ଷକମାନଙ୍କର ନିରନ୍ତର ସହଯୋଗ ଯୋଗୁଁ ସେ ଗଣନା, ସମସ୍ୟା ସମାଧାନ ଓ ମୌଳିକ ଗଣିତରେ ଏକ ଦୃଢ଼ ଭିତ୍ତିଭୂମି ଗଢ଼ିପାରିଛନ୍ତି ।

ପାଠପଢ଼ା ବ୍ୟତୀତ ଚିତ୍ରାଙ୍କନରେ ମଧ୍ୟ ସୁଭ୍ରକାନ୍ତଙ୍କର ରୁଚି ରହିଛି । ସେ ଆମ୍ବ, ଆଳୁ, ଫୁଟବଲ୍ ଓ ବଲ୍ ଭଳି ବିଭିନ୍ନ ଜିନିଷର ଚିତ୍ର ଆଙ୍କି ନିଜର କଳ୍ପନାଶକ୍ତି ଓ ସୃଜନଶୀଳତାର ପରିଚୟ ଦେଇଥାନ୍ତି । ଶ୍ରେଣୀଗୃହ ହେଉ କି ଖେଳପଡ଼ିଆ, ସାଙ୍ଗମାନଙ୍କ ସହ ମିଶି ଖେଳିବା ଓ ଶିଖିବା ତାଙ୍କ ଦୈନନ୍ଦିନ ଜୀବନକୁ ଅଧିକ ଆନନ୍ଦମୟ ଓ ସ୍ମରଣୀୟ କରିଥାଏ ।

ଆକବନ ବାତ୍ୟା ମୁକାବିଲା ପାଇଁ ମହାନଗର ନିଗମର ବ୍ୟାପକ ପ୍ରସ୍ତୁତି

ଶୂନ୍ୟ ମୃତାହତ ଲକ୍ଷ୍ୟ, ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ଜାରି

ବ୍ରହ୍ମପୁର, (ସବ୍ୟୁ) : ଆକବନ ବାତ୍ୟା ଓ ସମ୍ଭାବ୍ୟ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମରେ ଜୋରଦାର ପ୍ରସ୍ତୁତି ଜାରି ରହିଛି । ଶୂନ୍ୟ ମୃତାହତ ଲକ୍ଷ୍ୟ ନେଇ କଚ୍ଚାଘର ଏବଂ ସହରତଳି ଅଞ୍ଚଳରେ ରହୁଥିବା ଲୋକଙ୍କର ସ୍ଥାନାନ୍ତରଣ ଆରମ୍ଭ ହୋଇସାରିଛି । ଡୁବୁମା କଲୋନୀ ଅଞ୍ଚଳରେ ରଖିକୂଲ୍ୟା କେନାଲ ଓ ଆଡି ଅବରୋଧ କରି ଜବରଦଖଲ ନିର୍ମିତ କଚ୍ଚାଘରଗୁଡିକରୁ ବଡ ବଜାର ଥାନା ପୋଲିସ ଉପସ୍ଥିତିରେ ଲୋକଙ୍କୁ ବିନାୟକ ଆଚାର୍ଯ୍ୟ ସ୍କୁଲ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛ । ଅନ୍ୟ ଆଶ୍ରୟସ୍ଥଳୀଗୁଡିକୁ ସ୍ଥାନାନ୍ତର ଜାରି ରହିଛି । ମୋଟ ୨୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀର ସୁପରିଚାଳନା ପାଇଁ ତିନୋଟି ସିଫଫରେ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ହୋଇଥିବା ବେଳେ ହସ୍ତଗତ ହୋଇଥିବା ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ କରିବାକୁ କମିଶନର ଶ୍ରୀମତୀ ଏ ସସ୍ୟ ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରବଳ ବେଗରେ ପବନ ବହି ବିଜ୍ଞାପନ ହୋର୍ଡିଂ ଭାଙ୍ଗି ଧନଜୀବନ ହାନିର

ବାର୍‌ହା ଶିକାର ଅଭିଯୋଗରେ ୬ ଗିରଫ
ଫାସ ସହ ରନ୍ଧା ମାଂସ ଜବତ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ତେଲେନପାଲି ପଞ୍ଚାୟତ ବଳିଆବାହାଲ ଗାଁରେ ବାରାହା ଶିକାର କରିବା ଅଭିଯୋଗରେ ବନବିଭାଗ ୬ ଜଣକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାନେ ହେଲେ ବଳିଆବାହାଲ ଗାଁ ର କୈବଲ୍ୟ ଛତ୍ରିଆ(୫୬), ଜଗବନ୍ଧୁ ରଣା (୪୪), ସଂକୀର୍ତ୍ତନ ଛତ୍ରିଆ (୫୬), ଶମ୍ଭୁ ନାଗ (୪୧), କୀର୍ତ୍ତି ନାଏକ (୩୦), ଭଜନ ମାଝୀ (୧୯) ବୋଲି ଜଣାଯାଇଛି । ସୂଚନା ଅନୁସାରେ ବନ ବିଭାଗ କୌଣସି ସୁତ୍ରରୁ ଖବର ପାଇ ମଙ୍ଗଳବାର ମଧ୍ୟାହ୍ନ ରେ ସଦଳବଳେ ବଳିଆବାହାଲ ଗାଁ ଜଙ୍ଗଲ ନିକଟ ଜଣେ ଚାଷୀଙ୍କ କ୍ଷେତ ପାଖରେ ଅଭିଯୁକ୍ତ ମାନେ ବାରାହା ଶିକାର କରି ମାଂସ ରାନ୍ଧୁଥିବା ବେଳେ ମାଂସ ସହ ଜବତ୍ କରି ଗିରଫ କରିଥିଲା । ଅଭିଯୁକ୍ତ ମାନଙ୍କ ଠାରୁ ତାର, ଫାସ , କଟୁରୀ ଓ ରନ୍ଧା ମାଂସ ଜବତ କରିଥିବା ବନବିଭାଗ ସୂଚନା ଦେଇଛି । ଏନେଇ ହରିଶଙ୍କର ରେଞ୍ଜ କେସ ନମ୍ବର ୪୫୭/୨୦୨୬-୨୭ରେ ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ର ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ସୂଚନା ଦେଇଛନ୍ତି । ବଲାଙ୍ଗିର ବନବିଭାଗ ସହକାରୀ ବନ ସଂରକ୍ଷକ ସୁମନ ମାଝୀ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

କୃଷି ବିଶ୍ୱବିଦ୍ୟାଳୟର ପ୍ରତିଶ୍ରୁତି ଦେଇ ମହାବିଦ୍ୟାଳୟର ଶିଳାନ୍ୟାସ : କଳିକେଶ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ଏକ ପୂର୍ଣ୍ଣାଙ୍ଗ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି । ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। କିନ୍ତୁ କୃଷି ବିଶ୍ୱବିଦ୍ୟାଳୟ ବଦଳରେ ଏବେ କେବଳ ଏକ କୃଷି ମହାବିଦ୍ୟାଳୟର ଶିଳାନ୍ୟାସ କରାଯାଇଛି। ଦୁର୍ଭାଗ୍ୟର ବିଷୟ, ଏହି ମହାବିଦ୍ୟାଳୟ ପ୍ରତିଷ୍ଠାର ପ୍ରତିଶ୍ରୁତି ମଧ୍ୟ ଫମ୍ପା ଓ ମିଥ୍ୟା ପ୍ରତିଶ୍ରୁତି ଭଳି ମନେହେଉଛି। ନିକଟରେ ପାଟଣାଗଡ଼ଠାରେ ପ୍ରସ୍ତାବିତ କୃଷି ମହାବିଦ୍ୟାଳୟର ଶିଳାନ୍ୟାସ ଉତ୍ସବରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଅନେକ ମନ୍ତ୍ରୀ ଯୋଗଦେଇଥିଲେ । ଏତେ ବଡ଼ ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରାଗଲା, କିନ୍ତୁ ପ୍ରକଳ୍ପର ବାସ୍ତବ ସ୍ଥିତିକୁ ନେଇ ଅନେକ ଗୁରୁତର ପ୍ରଶ୍ନ ଉଠାଇଛନ୍ତି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ।

ସେ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ଉପଲବ୍ଧ ସୂଚନା ଅନୁସାରେ, ଏହି ମହାବିଦ୍ୟାଳୟ ପାଇଁ ଏପର୍ଯ୍ୟନ୍ତ କ୍ୟାବିନେଟ ଅନୁମୋଦନ ମିଳିନାହିଁ । ଜମି ଚିହ୍ନଟ ଓ ଅଧିଗ୍ରହଣ ହୋଇନାହିଁ । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇନାହିଁ ଏବଂ ଆବଶ୍ୟକ ଅର୍ଥ ମଞ୍ଜୁର କିମ୍ବା ବରାଦ ହୋଇନାହିଁ । ତେବେ କେଉଁ ଆଧାରରେ ଏହି ଶିଳାନ୍ୟାସ କରାଗଲା ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିର କ'ଣ ହେଲା? ବିଶ୍ୱବିଦ୍ୟାଳୟ ବଦଳରେ କେବଳ ମହାବିଦ୍ୟାଳୟ କାହିଁକି? କୃଷି ମହାବିଦ୍ୟାଳୟ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଛି କି? ଯଦି ମିଳିଛି, କେବେ ? ମହାବିଦ୍ୟାଳୟ ପାଇଁ କେଉଁଠାରେ କେତେ ଜମି ଚିହ୍ନଟ, ଅଧିଗ୍ରହଣ ଓ ହସ୍ତାନ୍ତର ହୋଇଛି ? ଯଦି ଜମି ବରାଦ ହୋଇଛି, ତାହାର ସରକାରୀ ଆଦେଶ କେଉଁଠାରେ ?। ଡିପିଆର ପ୍ରସ୍ତୁତ ଓ ଅନୁମୋଦିତ ହୋଇଛି କି? ପ୍ରକଳ୍ପର ମୋଟ ବ୍ୟୟ କେତେ ଏବଂ କେତେ ଅର୍ଥ ମଞ୍ଜୁର ହୋଇଛି ଓ ସେଥିରୁ କେତେ ଦିଆ ଯାଇଛି । ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନାମଲେଖା କେବେ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି । ବଲାଙ୍ଗିରବାସୀ ମାଗିଥିଲେ କୃଷି ବିଶ୍ୱବିଦ୍ୟାଳୟ, ସରକାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ହେଲେ ଏବେ ମହାବିଦ୍ୟାଳୟର ଶିଳାନ୍ୟାସ କରି ବାହାବା ନେବାକୁ ଚେଷ୍ଟା କରାଯାଉଛି । ତାହା ପୁଣି ବିନା କ୍ୟାବିନେଟ ଅନୁମୋଦନ, ବିନା ଜମି ଓ ବିନା ଅର୍ଥ ବ୍ୟବସ୍ଥାରେ! ଏହା ବଲାଙ୍ଗିରବାସୀଙ୍କ ଆଶା ଓ ବିଶ୍ୱାସ ସହିତ ଖେଳ ନୁହେଁ କି ।

କୃଷିପ୍ରଧାନ ବଲାଙ୍ଗିର ଜିଲ୍ଲାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଉଚ୍ଚଶିକ୍ଷା ସହିତ କୃଷି ଗବେଷଣା, ନୂତନ ପ୍ରଯୁକ୍ତିବିଦ୍ୟା, ଚାଷୀଙ୍କ ତାଲିମ ଓ ଆଞ୍ଚଳିକ କୃଷି ବିକାଶରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇପାରିବ। ଏହି ଦାବିକୁ ଏକ ମହାବିଦ୍ୟାଳୟର ଘୋଷଣା ମଧ୍ୟରେ ସୀମିତ ରଖିବା କେବେବି ଗ୍ରହଣୀୟ ନୁହେଁ । ରାଜ୍ୟ ସରକାର ତୁରନ୍ତ କ୍ୟାବିନେଟ ନିଷ୍ପତ୍ତି, ଜମି ବରାଦ ଆଦେଶ, ଡିପିଆର୍, ଆର୍ଥିକ ମଞ୍ଜୁରୀ ଓ ନିର୍ମାଣର ନିର୍ଦ୍ଦିଷ୍ଟ ସମୟସୀମା ସାର୍ବଜନୀନ କରନ୍ତୁ। ଏହା ସହିତ ବଲାଙ୍ଗିରରେ ପୂର୍ଣ୍ଣାଙ୍ଗ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କରେ ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ । ବଲାଙ୍ଗିରବାସୀଙ୍କୁ ଆଉ ଏକ ଶିଳାନ୍ୟାସ ଫଳକ କିମ୍ବା ରାଜନୈତିକ ପ୍ରଚାର ଦରକାର ନାହିଁ । ଆମକୁ ପ୍ରକୃତ ଶିକ୍ଷାନୁଷ୍ଠାନ, ଆବଶ୍ୟକ ପୁଞ୍ଜିନିବେଶ ଓ ସମୟବଦ୍ଧ ବିକାଶ ଦରକାର । ବିଶ୍ୱବିଦ୍ୟାଳୟର ପ୍ରତିଶ୍ରୁତି ଦେଇ ମହାବିଦ୍ୟାଳୟର ଶିଳାନ୍ୟାସ, ଆଉ ମହାବିଦ୍ୟାଳୟ ପାଇଁ ମଧ୍ୟ ଠୋସ ବ୍ୟବସ୍ଥା ନାହିଁ ଏହା କି ପ୍ରକାର ବିକାଶ? ବୋଲି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହି ସରକାରଙ୍କୁ ଟାର୍ଗେଟ କରିଛନ୍ତି ।

୨୦୨୪ ସିଗାଡି ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ
ଅଭିଯୁକ୍ତକୁ ୧ ବର୍ଷ କାରାଦଣ୍ଡାଦେଶରେ ଦଣ୍ଡିତ

କଣ୍ଢାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଞ୍ଚଳର ସିଗାଡି ଗ୍ରାମରେ ୨୦୨୪ମସିହାରେ ଘଟିଥିବା ଏକ ଘରୋଇ କଳହକୁ ନେଇ ସେହି ଗ୍ରାମର ଚମ୍ପାଫୁଲ ମଲ୍ଲିକକୁ ଲୁହା ଛଡରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ଦୀର୍ଘ ୨ବର୍ଷ ପରେ ରାୟ ପ୍ରକାଶ ପାଇଛି । ମନମୁଣ୍ଡା ଥାନା କେସ ନମ୍ବର ୩୦୫/୨୦୨୪ ଅନୁଯାୟୀ ଉକ୍ତ ହତ୍ୟାକାଣ୍ଡ ଘଟଣାର ମଙ୍ଗଳବାର ରାୟ ପ୍ରକାଶ ପାଇଛି । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ମରଣାନ୍ତକ ଆକ୍ରମଣ ଘଟଣାରେ ସେହି ଗ୍ରାମର ମହେନ୍ଦ୍ର ମଲ୍ଲିକ (୨୫) ଙ୍କୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ପିଙ୍ଗଳ କୋଡ଼ ର ଧାରା ୩୨୩/୩୨୫ ଅନୁଯାୟୀ ଏକ ବର୍ଷ କାରାଦଣ୍ଡାଦେଶ ରେ ଦଣ୍ଡିତ କରିଛନ୍ତି ମାନ୍ୟବର ବିଚାରପତି ସିଭିଲ ଜଜ୍/ (ଜୁନିଅର ଡିଭିଜନ) ଜେ ଏମ ଏଫ ସି କଣ୍ଢାମାଳ ପ୍ରିୟଦର୍ଶନୀ କୁମ୍ଭାର । ସରକାରୀ ଓକିଲ ଭାବେ ସୁଶୀଲ କୁମାର ପାଣିଗ୍ରାହୀ କେସ ପରିଚାଳନା କରିଥିଲେ ।

ଚାଷୀ ଆନ୍ଦୋଳନକୁ ଜିଲ୍ଲା କଂଗ୍ରେସର ସମର୍ଥନ



ବରଗଡ,(ସବ୍ୟୁ) : ବିରାଟ ଚାଷୀ ସମାବେଶ ବରଗଡ ଗୋରୁ ମାର୍କେଟ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହେଉଥିବା ଅବସରରେ ବରଗଡ ଜିଲ୍ଲା କଂଗ୍ରେସ ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସଭାପତିତ୍ୱରେ, ଜିଲ୍ଲା କଂଗ୍ରେସର ସମସ୍ତ ନେତୃବର୍ଗ ବରଗଡ ହଳଦୀପାଲି ଛକ(ବୀର ଛକ) ଠାରେ ଭାରତୀୟ କୃଷକ ସଂଘ ଜାତୀୟ ପ୍ରବକ୍ତା ଚଉଧୁରୀ ରାକେଶ ସିଂହ ଟିକାୟତଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଅର୍ପଣ କରି ସମ୍ବର୍ଦ୍ଧିତ କରିବା ସହିତ ବିରାଟ ଚାଷୀ ସମାବେଶକୁ ସମର୍ଥନ ଜଣାଇ ସମର୍ଥନ ପତ୍ର ପ୍ରଦାନ କରିବା ସହିତ ରେଲିରେ ସମ୍ମିଲିତ ହୋଇଥିଲୁ । କାର୍ଯ୍ୟକ୍ରମରେ ସର୍ବଶ୍ରୀ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ଯୁଗଳ ପ୍ରସାଦ ସିଂହ, ଟଙ୍କଧର ସାହୁ, ବ୍ରହ୍ମାନନ୍ଦ ମହାକୁଡ଼, ପ୍ରତାପ ଚନ୍ଦ୍ର ନାୟକ, କିଶୋର ସାହୁ, ଆନନ୍ଦ ପ୍ରଧାନ, ଗଙ୍ଗାଧର ପୂଜାରୀ, ସୁନିତା ବାଗ, ଆଲୋକ ପଣ୍ଡା , ସୁଶାନ୍ତ ସାହୁ, ବୈକୁଣ୍ଠ ଷଡଙ୍ଗୀ, ସୁଶିଲ କୁମାର ଭୋଇ, ଜାଦବ ଭୋଇ, ରବି ପତି, ବିମଲ ଶିଙ୍କା, ଗୁଣମଣି ସାହୁ, ଗଣେଶ ନାଇଡୁ, ସମୀର ଭୁଏ, ବୁଲୁ ଦାଶ, ଉପେନ୍ଦ୍ର ଘିବିଲା, ଫଗନୁ ମହାନନ୍ଦ, ସଂଜୟ ସିଂହ, ଆନନ୍ଦ ପ୍ରଧାନ, ରବିନ୍ଦ୍ର ବରିହା ଓ ଅନେକ କଂଗ୍ରେସ ପ୍ରେମି ଉପସ୍ଥିତ ଥିଲେ ।

ଜାତୀୟ ପ୍ରେସ ଦିବସ ପାଳିତ



ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣାସ୍ଥିତ ପିଆର ପ୍ରେସ ଠାରେ ୱାର୍କିଙ୍ଗ ମିଡିଆ ଆସୋସିଏସନ, ଜୟପାଟଣା ବ୍ଲକ ପକ୍ଷରୁ 'ଜାତୀୟ ପ୍ରେସ ଦିବସ' ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗଙ୍ଗାଧର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରେସ ସ୍ୱାଧୀନତା ଏବଂ ସମାଜ ପ୍ରତି ଗଣମାଧ୍ୟମର ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗଣମାଧ୍ୟମର ବିକାଶ ଓ ଆହାନ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଟ୍ଟନାୟକ, ସମାଜସେବୀ ଦିଲୀପ ରାଉତ, ଛାୟାକାନ୍ତ ବେନୁପାଣି, ରୁଦ୍ରପ୍ରସାଦ ପାଣିଗ୍ରାହୀ ଏବଂ ବରିଷ୍ଠ ଆଇନଜୀବୀ ଗଙ୍ଗାଧର ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ସାମ୍ବାଦିକତା କ୍ଷେତ୍ରରେ ନିଷ୍ଠା ଓ ସତ୍ୟନିଷ୍ଠାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଗୋଲାପ ସାହୁ ଏହି କାର୍ଯ୍ୟକ୍ରମର ମଞ୍ଚ ପରିସ୍ପଳନା କରିଥିବା ବେଳେ ଧବଳେଶ୍ୱର ପଟେଲ ଏବଂ ବାସୁଦେବ ବାଗ ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ମତ୍ସ୍ୟ ଓ ପ୍ରାଣୀପାଳନ ମାଧ୍ୟମରେ ଚାଷୀ ହେବେ ଆତ୍ମନିର୍ଭର



ଗୋଲାମୁଣ୍ଡା,(ସବ୍ୟୁ): ଗ୍ରାମାଞ୍ଚଳର ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ସହ ମତ୍ସ୍ୟଚାଷ ଓ ପ୍ରାଣୀପାଳନକୁ ଏକ ସ୍ଥାୟୀ ଜୀବିକାର ମାଧ୍ୟମ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ ସହାୟତା ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡିର ପାରମ୍ପରିକ ବୀରବାଦ୍ୟ ଘୁମୁରାର ତାଳେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ପରେ ମେଳାର ଶୁଭାରମ୍ଭ ହୋଇଥିଲା । ଏଥିରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଏବଂ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସାଂସଦ ପ୍ରତିନିଧି ପ୍ରସନ୍ନ କୁମାର ରାଉତ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଦିବ୍ୟପ୍ରକାଶ ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବୃଷଭ ନାଏକ, ପୂର୍ବତନ ସରପଞ୍ଚ ଦିଲୀପ ମାଝୀ, ବରିଷ୍ଠ ସାମ୍ବାଦିକ ସୁଧୀର ସାହୁ ଓ ସଫଳ ଚାଷୀ କୃଷ୍ଣ ନାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏଡିଭିଓ ଡାକ୍ତର ସନ୍ୟାସୀ ଶତପଥୀ, ବିଡିଓ ତ୍ରିପୁରା ମହାନନ୍ଦ ଓ ତହସିଲଦାର ଚନ୍ଦନ କୁମାର ନାୟକ ଯୋଗ ଦେଇଥିବା ବେଳେ ଉପଖଣ୍ଡ ପାଣିସମ୍ପଦ ଅଧିକାରୀ ଡାକ୍ତର ମଧୁସୂଦନ ବାଗ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ଓ ସହକାରୀ ମତ୍ସ୍ୟ ଅଧିକାରୀ ବନ୍ଦନା ରାଣୀ ପଣ୍ଡା ମଧ୍ୟ ମେଳାରେ ଯୋଗ ଦେଇଥିଲେ। ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀମାନଙ୍କୁ ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ରହିଥିବା ବିଭିନ୍ନ ସମ୍ଭାବନା, ଆଧୁନିକ ଜ୍ଞାନକୌଶଳ ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା। କେବଳ ପାରମ୍ପରିକ କୃଷି ଉପରେ ନିର୍ଭର ନକରି ମାଛଚାଷ, ଗୋପାଳନ, ଛେଳି ଓ ମେଣ୍ଢା ପାଳନ ତଥା କୁକୁଡ଼ାଚାଷ ଭଳି ଅନ୍ୟାନ୍ୟ ଜୀବିକାକୁ ଆପଣାଇ ଚାଷୀମାନେ କିପରି ନିଜର ଆୟ ବୃଦ୍ଧି କରିପାରିବେ, ସେନେଇ ଆଲୋକପାତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଯୋଜନାରେ ଚୟନିତ ଚାଷୀମାନଙ୍କୁ ଗୋରୁ ଗୁହାଳ, ଛେଳି ଓ ମେଣ୍ଢା ଗୁହାଳ, କୁକୁଡ଼ା ଫାର୍ମ ଏବଂ ମାଛଚାଷ ପାଇଁ ପୋଖରୀ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ଯୋଜନା ଅଧୀନରେ ଚାଷୀଙ୍କୁ ସବସିଡି ଅର୍ଥ ମଧ୍ୟ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ଗ୍ରାମାଞ୍ଚଳରେ ନୂତନ ଉଦ୍ୟୋଗ ସୃଷ୍ଟି, ଆତ୍ମନିଯୁକ୍ତି ଓ ରୋଜଗାରର ସୁଯୋଗ ବୃଦ୍ଧି ପାଇବା ସହ ଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରିବାର ଆଶା ରହିଛି । ତେବେ ସରକାରୀ ଯୋଜନାର ପ୍ରକୃତ ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ନିୟମିତ ତଦାରଖ, ବୈଷୟିକ ପରାମର୍ଶ, ଆବଶ୍ୟକ ତାଲିମ ଓ ବଜାର ସଂଯୋଗ ଉପରେ ଗୁରୁତ୍ୱ ଦେବା ଜରୁରୀ। ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଉପଲବ୍ଧ ସୁଯୋଗର ସଠିକ ଉପଯୋଗ ହୋଇପାରିଲେ ଗୋଲାମୁଣ୍ଡା ବ୍ଲକର ଚାଷୀମାନେ ଆତ୍ମନିର୍ଭରଶୀଳ ହେବା ସହ ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି ।

ଛୁରାମାଡ଼ ଘଟଣାରେ ନାବାଳକ ଅଟକ

ସମ୍ବଲପୁର,(ସବ୍ୟୁ) : ହୀରାକୁଦ ଥାନା ଅନ୍ତର୍ଗତ ସହଜବାହାଲ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଏକ ଛୁରାମାଡ଼ ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖିଛି । ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ନାବାଳକ ବବୁଲୁ ସୁହୁରାଙ୍କୁ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଛୁରାମାଡ଼ରେ ଗୁରୁତର ଗୁରୁତର ଆହତ ବବୁଲୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ନାବାଳକଙ୍କ ମାଆଙ୍କ ସହ ବବୁଲୁ ସୁହୁରାଙ୍କର କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ନାବାଳକ ବବୁଲୁଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଥାନାରେ ଅଟକ ରଖିବା ସହ ରକ୍ତଭିଜି ଛୁରୀକୁ ଜବତ କରିଛି । ଏହି ଘଟଣାରେ ହୀରାକୁଦ ଥାନାରେ କେସ ନମ୍ବର ୨୪୬/୨୦୨୬ ରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ୨୯୬, ୧୨୬(୨) ଏବଂ ୧୦୯(୧) ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହାସହ ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରିଛି ।

ମଦ ବିରୋଧୀ ଆନ୍ଦୋଳନ ନାମରେ ଟଙ୍କା ଚୋରି ଅଭିଯୋଗ, ଥାନାରେ ଏତଲା

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକରେ ଗତ କିଛି ଦିନ ହେଲା ମଦ ବିରୋଧୀ ଆନ୍ଦୋଳନ ଜୋରସୋରରେ ଚାଲିଛି । ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ମହିଳା ମାନେ ଏକତ୍ରିତ ହୋଇ ନିକଟସ୍ଥ ଥାନାରେ ମଦ ବିକ୍ରି ନେଇ ଅଭିଯୋଗ କରୁଛନ୍ତି । ତେବେ ଗତ କିଛି ଦିନ ହେଲା ମଦ ବିରୋଧୀ ଆନ୍ଦୋଳନ ନାମରେ ମହିଳା ମାନେ ମଦ ବିକ୍ରି ନ କରିବା ଲୋକଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ଲୁଟପାଟ କରୁଥିବା ଅଭିଯୋଗ ହେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ କାମତା ଗ୍ରାମରେ ଘଟିଛି । କାମତା ଗ୍ରାମର ଲକ୍ଷ୍ମୀ ପାଇକ ନାମକ ମହିଳା ଏକ ଚିକେନ ପକୋଡା ଦୋକାନ କରି ଗୁଜରାଣ ମେଣ୍ଟାଉଥିଲେ । କାନ୍ଥଲଗୁଡା(କାମତା) ଗ୍ରାମର କନକ ମାଝୀ ,ଲକ୍ଷ୍ମୀ ପାଇକଙ୍କ ଚିକେନ ପକୋଡା ଦୋକାନରେ ଜୋର ଜବରଦସ୍ତ ପଶି ଆମେ ଥାନା, କଲେକ୍ଟର ଓ ଅବକାରୀ ବିଭାଗରୁ ଅନୁମତି ଆଣି ମଦ ରେଡ଼ କରିବାର ଅଧିକାର ପାଇଛୁ । ଏହିଭଳି ଭାବରେ ଲକ୍ଷ୍ମୀ ପାଇକ ଦୋକାନରେ ଟଙ୍କା ବକ୍ସରେ ଥିବା ୮,୫୦୦ ଟଙ୍କା କନକ ମାଝୀ ଚୋରୀ କରିଥିବା ନେଇ ଲକ୍ଷ୍ମୀ ପାଇକ ବି ସିଂପୁର ଥାନାରେ ଏତଲା ଦେଇଛନ୍ତି । ଟଙ୍କା ଚୋରୀ ସିସିଟିଭି ରେ କଏଦ ହୋଇଥିବା ନେଇ ଲକ୍ଷ୍ମୀ ପାଇକଥାନା ଆଇଆଇସି ପ୍ରମୋଦ କୁମାର ନାୟକ ଙ୍କୁ ପ୍ରମାଣ ଦେଇଥିଲେ । ଲକ୍

ଜୋନସ୍ତରୀୟ ଭଲିବଲ ପ୍ରତିଯୋଗିତା

ଶିମିଳିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ



କଣ୍ଢାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଢାମାଳ ବ୍ଲକ ଅନ୍ତର୍ଗତ ପଲସା ଗୋରାପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ଚତୁର୍ଥ ଜୋନ୍‌ସ୍ତରୀୟ ଅନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ନଭେମ୍ବର ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳାଳିମାନେ ଯୋଗଦେଇ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ଶିମିଳିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋରାପୁଟ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିବା ବେଳେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲାଣ୍ଡିଗୁଡ଼ା,କୋରାପୁଟ ରନର୍ସଅପ ଭାବେ ଘୋଷିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ବିଶ୍ୱେଶ୍ୱର ପାଣିଗ୍ରାହୀ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଓ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ସହଯୋଗରେ ସଫଳତାର ସହ ଆୟୋଜିତ ହୋଇଥିଲା । ଅତିଥି କ୍ରୀଡା ଶିକ୍ଷକ ସଞ୍ଜୀବ କୁମାର ସାହୁ, ରାଜେନ୍ଦ୍ର କୁମାର ଭୋଇ ଓ ସ୍ନେହା ନାଏକ ଖେଳ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା ।

ତାଲା ଭାଙ୍ଗି ଘୁଷୁରାମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଲା

ଗାଁରେ ୩ ପ୍ଲାଟୁନ ପୋଲିସ ଛାଉଣୀ



ମୁରିବାହାଲ,(ସବ୍ୟୁ) :ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଘୁଷୁରାମୁଣ୍ଡା ୬ନ ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ରରେ ଦଳିତ ପାଚିକା ଚୟନକୁ କେନ୍ଦ୍ର କରି ପ୍ରଥମେ ଗତ ଜୁଲାଇ ମାସରେ ଦୀର୍ଘ ୭ଦିନ ଧରି କେନ୍ଦ୍ରରେ ତାଲା ପଡ଼ିବା ପରେ ଦେଖାଦେଇଥିବା ଦୀର୍ଘଦିନର ବିବାଦରେ ଶେଷରେ ଏକ ସାମୟିକ ସମାଧାନର ବାଟ ବାହାରିଥିଲା। ଗ୍ରାମରେ ସୃଷ୍ଟି ହୋଇଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ସମସ୍ୟାର ସମାଧାନ ପାଇଁ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଆଦିବାସୀ ସମାଜର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହ ବ୍ୟାପକ ବିଚାର ଆଲୋଚନା କରିଥିଲେ।ଶେଷରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ତାଲା ଖୋଲାଯିବା ସହ ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଗ୍ରାମର ମାତୃକମିଟି କୋମଳମତି ଶିଶୁଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଅଙ୍ଗନୱାଡ଼ି କେନ୍ଦ୍ର ସୁରୁଖୁରୁରେ କିଛି ଦିନ ଚାଲିବା ପରେ ଗତ ଦେଢ଼ ମାସ ତଳେ ଗ୍ରାମବାସୀ ପୁଣି ଥରେ କେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରିଥିଲେ।ପ୍ରଶାସନ ପକ୍ଷରୁ ବାରମ୍ବାର ବୁଝାସୁଝା କରାଯାଇଥିଲେ ମଧ୍ୟ ଗ୍ରାମବାସୀ ତାଲା ଖୋଲିନଥିଲେ।

ପରେ ବଲାଙ୍ଗିର ଏସପିଙ୍କ ନିର୍ଦ୍ଦେଶରେ ପାଚିକା ପୁଣ୍ୟ ହରପାଲଙ୍କ ଏତଲା ଆଧାରରେ ଘୁଷୁରା.ମୁଣ୍ଡା ଗ୍ରାମର ୮ଜଣଙ୍କ ନାମରେ ଥାନାରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିଲା। ଏହାପରେ ମଧ୍ୟ ଗ୍ରାମବାସୀ ତାଲା ଖୋଲିନଥିଲେ।ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ପ୍ରଶାସନିକ ଅଧିକାରୀ ଓ ୩ପ୍ଲାଟୁନ ପୁଲିସ ଫୋର୍ସ ସହ ବୁଧବାର ଗ୍ରାମକୁ ପହଞ୍ଚି ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭାଙ୍ଗି କେନ୍ଦ୍ରକୁ ଖୋଲିଥିଲେ । ଏହି ସମୟରେ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ,ମାଜିଷ୍ଟ୍ରେଟ ଦାୟିତ୍ୱରେ କଣ୍ଢାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ,ଅତିରିକ୍ତ ଏସପି ଗୁଣନିଧି ମଲ୍ଲିକ, କଣ୍ଢାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ଥାନା ଆଇଆଇସି ବୁଲୁ ମୁଣ୍ଡା,କଣ୍ଢାବାଞ୍ଜି ଥାନା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ,ବଙ୍ଗୋମୁଣ୍ଡା ଥାନା ଆଇଆଇସି ସଞ୍ଜୀବ ପଧାନ,ଟୁରେକେଲା ଥାନା ଆଇଆଇସି ରାକେଶ ବେହେରା,ସିଡିପିଓ ପୂର୍ଣ୍ଣିମା ବୈଠାରୁ, ସୁପରଭାଇଜର ସୀମା ନାଗ, ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ ଦେବକି ବାରିକ,ପାଚିକା ପୁଣ୍ୟ ହରପାଲ ଉପସ୍ଥିତ ଥିଲେ ।ବୁଧବାର କେନ୍ଦ୍ରକୁ ମାତ୍ର ୩ଜଣ କୁନିକୁନି ଶିଶୁ ଆସିଥିବା ବେଳେ ସମସ୍ତଙ୍କ ପାଇଁ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଥିବା ବେଳେ ତାହା ବଣ୍ଟନ ହୋଇପାରି ନାହିଁ ବୋଲି ସିଡ଼ିପିଓ ସୁଶ୍ରୀ ବୈଠାରୁ ପ୍ରକାଶ କରିଛନ୍ତି । ଗ୍ରାମବାସୀ ନିଜର କୌଣସି ଆପତ୍ତି ନ ଥିବା ପ୍ରକାଶ କରିଥିବା ବେଳେ ଉପଜିଲ୍ଲାପାଳ ଆମକୁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ପାଳନ କରିବେ ବୋଲି ପ୍ରକାଶ କରିଛନ୍ତି ।କେନ୍ଦ୍ରରେ ପୂର୍ବ ପରି ମାତୃକମିଟି ରନ୍ଧା କାର୍ଯ୍ୟ ଜାରି ରଖିବେ ବୋଲି ଜଣାପଡିଛି ।

‘ଦୁଲଦୁଲି ୨୦୨୭’ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,(ସବ୍ୟୁ): ଆଗାମୀ ‘ଦୁଲଦୁଲି ୨୦୨୭’ ମହୋତ୍ସବକୁ ସୁଚାରୁରୂପେ ଓ ଭବ୍ୟ ଭାବେ ଆୟୋଜନ କରିବା ନିମନ୍ତେ ବୁଧବାର ସ୍ଥାନୀୟ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଡିଟୋରିୟମଠାରେ ଝାରସୁଗୁଡା ଜିଲ୍ଲା ମହୋତ୍ସବ ସମିତିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦୁଲଦୁଲି ସୋସାଇଟି ପଞ୍ଜିକରଣ ସଦସ୍ୟବୃନ୍ଦ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମହୋତ୍ସବର ପ୍ରାଥମିକ ରୂପରେଖ, ଏବଂ ପରିଚାଳନାଗତ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଦୁଲଦୁଲି କାର୍ଯ୍ୟକ୍ରମର ସମସ୍ତ ତଥ୍ୟ, ବିଭିନ୍ନ କମିଟିର କାର୍ଯ୍ୟ ଉପସ୍ଥାପନ କରିବା ସହ ସଭାକୁ ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ‘ଦୁଲଦୁଲି ୨୦୨୭’କୁ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ମଞ୍ଚ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଲଳିତ ସୋରେଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦିଲ୍ଲୀପ କୁମାର ପ୍ରଧାନ ଏବଂ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ରଖିଥିଲେ । ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନୟଲ ଅଗ୍ରୱାଲ ଏବଂ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ଲୋକ ସର୍ଣ୍ଣା, ବିଧାୟକଙ୍କ ପ୍ରତିନିଧି ବଲ ବିନ୍ଦର ସିଂ, ଜିଲ୍ଲା କଳା ସଂସ୍କୃତି ସଙ୍ଘର ଉପ ସଭାପତି ସୁରଞ୍ଜନ ପଧାନ, ଝାରସୁଗୁଡା ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ଗଜରାଜ ପ୍ରଧାନ,ରକ୍ତଦାତା ସଂଘର ସଭ୍ୟ ରାଜେଶ ପାଢ଼ୀ ପ୍ରେସ ରିପୋର୍ଟର ରିତେଶ ଶର୍ମା ସମେତ ଦୁଲଦୁଲି ସୋସାଇଟି ପଞ୍ଜିକରଣ କମିଟିର ସମସ୍ତ ସଦସ୍ୟ, ପୋଲିସ ଅଧିକାରୀ ବୃନ୍ଦ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକ ଶେଷରେ ସୁଶ୍ରୀ ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ରକ୍ତଭଣ୍ଡାର ନଖୋଲିବା ପ୍ରତିବାଦରେ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଆବେଦନ

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ଡାକ୍ତରଖାନାରେ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ କରିବା ଦାବିରେ ନାକଟିଦେଉଳର ୨ ଜଣ ସ୍ୱେଚ୍ଛାସେବୀ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛନ୍ତି । ସୂଚନା ଥାଉକି ରେଢ଼ାଖୋଲ ଡାକ୍ତରଖାନାରେ ଥିବା ରକ୍ତ ଭଣ୍ଡାରକୁ ପ୍ରଶାସନ ବନ୍ଦ କରିଦେବାରୁ ରେଢ଼ାଖୋଲ ତଥା ପଡୋଶୀ ଜିଲ୍ଲା ବୌଦ୍ଧ, ଅନୁଗୋଳ ଜିଲ୍ଲାର ରୋଗୀମାନେ ନାହିଁ ନ ଥିବାର ଅସୁବିଧା ପାଉଛନ୍ତି । ପୂର୍ବରୁ ଏଥିପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ ରେଢ଼ାଖୋଲ ସଚ୍ତେନ ନାଗରିକମାନେ । ହେଲେ ଏ ପର୍ଯ୍ୟନ୍ତ ସରକାର ଆଦୌ ଦୃଷ୍ଟି ଦେଉ ନ ଥିବାରୁ ନାକଟିଦେଉଳ ବ୍ଲକ ଅଂଚଳର ପ୍ରବୀଣ କୁମାର ପ୍ରଧାନ (ସମିତିସଭ୍ୟ, ଢ଼ଇଁଚା) ଓ ନନ୍ଦ କିଶୋର ପ୍ରଧାନ (ସ୍ୱେଚ୍ଛାସେବୀ) ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ଠାରେ ଆବେଦନ କରିଛନ୍ତି ।

ବିନିକା ଏନଏଏସି କାର୍ଯ୍ୟାଳୟ ଲକରରୁ ସାଢ଼େ ୪ ଲକ୍ଷ ଭତ୍ତା ଟଙ୍କା ଚୋରି

ସୋନପୁର,(ସବ୍ୟୁ): ମଙ୍ଗଳବାର ରାତିରେ ବିନିକା ଏନଏଏସି କାର୍ଯ୍ୟାଳୟ ଭିତରେ ଏକ ଗଡ଼ରେଜ ଲକରରୁ ସାଢ଼େ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ବିନିକା ଥାନାରେ ଅଭିଯୋଗ ହୋଇଛି । ବିନିକା ଆଇଆଇସି ଅନିତା କିଡ଼ୋଙ୍କ ସହ ପୁଲିସ ଷ୍ଟାଫ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଛନ୍ତି ।

ବିନିକା ଏନଏଏସି ଅଞ୍ଚଳରେ ଭତ୍ତା ଟଙ୍କା ବଣ୍ଟନ ପାଇଁ ଗତ ୧୬ ତାରିଖରେ ୧୬ ଲକ୍ଷ ଟଙ୍କା ଉଠାଣ କରି ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ବାକି ୪.୫ ଲକ୍ଷ ଟଙ୍କା ଏନଏସି କାର୍ଯ୍ୟାଳୟ ଭିତରେ ଏନଏଏସି କିରାଣୀ ସରୋଜ ମେହେର ନିଜ ଗଡ଼ରେଜ ଲକର ଭିତରେ ରଖି ଲକର ଓ ଗଡ଼ରେଜ ଲକକରି ସଂନ୍ଧ୍ୟାରେ ଘରକୁ ଯାଇଥିଲେ। ବୁଧବାର କାର୍ଯ୍ୟଳୟକୁ ଆସି ଦେଖିଲା ବେଳକୁ ଗଡ଼ରେଜ ଓ ଲକର ତାଲାଖୋଲି କେହି ସମସ୍ତ ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ସେ ସଙ୍ଗେସଙ୍ଗେ ଏନେଇ ବିନିକା ଏନଏଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ବିନିକା ଥାନା ପକ୍ଷରୁ ଆଇଆଇସି ଶ୍ରୀମତୀ କିଡ଼ୋ ପହଞ୍ଚି ତଦନ୍ତ କରି ଫେରିଛନ୍ତି ।

୧୫ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଓ ଡ୍ରାଇଭର ଗିରଫ

କଣ୍ଢାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ ରୋକିବାକୁ ପୋଲିସର ଅଭିଯାନ ଜାରି ରହିଛି । ଏହି କ୍ରମରେ ଟୁରେକେଲା ଥାନା ପୋଲିସ ୧୫ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଜଣେ ଶ୍ରମିକ ସର୍ଦ୍ଦାର ଓ ଗାଡ଼ି ଚାଳକଙ୍କୁ ଗିରଫ କରିଛି । ପୋଲିସ ସୂଚନା ଅନୁସାରେ, ନଭେମ୍ବର ୧୭ ତାରିଖ ରାତି ପ୍ରାୟ ୮ଟା ୧୦ ମିନିଟ ସମୟରେ ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳର ୧୫ ଜଣ ଶ୍ରମିକଙ୍କୁ ଲାଠୋର ରେଳ ଷ୍ଟେସନକୁ ନିଆଯାଉଥିଲା। ଏହି ସମୟରେ ଟୁରେକେଲା ଥାନା ପୋଲିସ ଦେବ୍ରିଆମୁଣ୍ଡା ଗ୍ରାମ ନିକଟରେ ଚଢ଼ାଉ କରି ଶ୍ରମିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା । ଏହି ଘଟଣାରେ ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ କାମକେଡ଼ା ଗ୍ରାମର ଶ୍ରମିକ ସର୍ଦ୍ଦାର କୌଶଳନାଥ ଜାଲ ଏବଂ ନୂଆଗାଁର ଗାଡ଼ି ଚାଳକ କୌଶିକ ନିଆଲଙ୍କୁ ପୋଲିସ ଗିରଫ କରିଛି । ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାଜେଶ ବେହେରା ସୂଚନା ଦେଇଛନ୍ତି । ଏନେଇ ଟୁରେକେଲା ଥାନାରେ କେସ ନଂ ୨୦୭/୨୬, ତାରିଖ ୧୭.୧୧.୨୦୨୬ରେ ମାମଲା ରୁଜୁ ହୋଇଛି। ଶ୍ରମିକ ଚାଲାଣ ରୋକିବା ପାଇଁ ପୋଲିସର ଏଭଳି ଅଭିଯାନ ଜାରି ରହିଛି ।

ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଶାଳୀନ ଆଚରଣ ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ଏନ୍‌ଏଚ୍‌ଏଆଇ ସମ୍ବଲପୁର ପ୍ରକଳ୍ପ ନିର୍ଦ୍ଦେଶକ ଅମିତ କୁମାର ଗୁପ୍ତାଙ୍କ ଅଶାଳୀନ, ଅନୁଚିତ ଓ ଅବଯବହାରିକ ଆଚରଣକୁ ନେଇ ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ସମ୍ବଲପୁର ଏସପିଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ପ୍ରୋଗ୍ରେସିଭ୍ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗପତ୍ର ପ୍ରଦାନ କରିବା ସହ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସହ ଏହି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଅଭିଯୋଗ ଅନୁଯାୟୀ, ଅଇଁଠାପାଲି ଅଞ୍ଚଳରେ ଏନ୍‌ଏଚ୍-୫୩ରେ ଫ୍ଲାଏଓଭର ନିର୍ମାଣ ସମୟରେ ଲଗାତାର ଦୁର୍ଘଟଣା ଘଟୁଥିବା ଏବଂ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ଅବହେଳା ହେଉଥିବା ନେଇ ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରାଯାଇଥିଲା। ଏହି ପ୍ରସଙ୍ଗରେ ପ୍ରକଳ୍ପ ନିର୍ଦ୍ଦେଶକ ଅମିତ କୁମାର ଗୁପ୍ତା ଅନୁପସ୍ଥିତ ରହିବାରୁ ବିଦ୍ୟାଧର ପଣ୍ଡାଙ୍କ ସହ କାର୍ଯ୍ୟାଳୟରେ ଆଲୋଚନା କରାଯିବା ସହ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଏନ୍.ଏଚ୍.ଏ.ଆଇ କର୍ତ୍ତୃପକ୍ଷଙ୍କ ଫୋନ୍ ମାଧ୍ୟମରେ ପ୍ରକଳ୍ପ ନିର୍ଦ୍ଦେଶକ ଅମିତ ଗୁପ୍ତା ଆକସ୍ମିକ ଭାବରେ ଅନୁଚିତ ଓ ଅଶାଳୀନ ଭାଷା ପ୍ରୟୋଗ କରି ଉତ୍ତେଜନା ତିଆରି କରିବା ସହ କାର୍ଯ୍ୟାଳୟକୁ କାହିଁକି ପ୍ରବେଶ କରାଯାଇଛି, କାହିଁକି ଅସାମାଜିକ କାର୍ଯ୍ୟ କରାଯାଉଛି ବୋଲି ଆରୋପ କରିବା ସହ ଆଲୋଚ୍ୟ ବିଷୟକୁ ଅଣଦେଖା କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ।

ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

୬ ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରକୁ ଉନ୍ନୀତ



ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନାସ୍ଥିତ ପି.ଏମ. ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୬ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ବିଭିନ୍ନ ସମସ୍ୟାର ବୈଜ୍ଞାନିକ ସମାଧାନ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ ମୁଖ୍ୟ ଅତିଥି ଏବଂ ଲେବିଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଟଙ୍କଧର ପ୍ରଧାନ ସଓତନ୍ତ୍ର ଅତିଥି ଭାବେ ଯୋଗଦେଇ ବିଜ୍ଞାନମନସ୍କ ଓ ନବସୃଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ‘ସି.ଭି. ରମଣ ସମ୍ମାନ’ ପ୍ରଦାନ କରାଯାଇଥିଲା । ଏସ ଏମ ସି ଅଧ୍ୟକ୍ଷ ଜୀବର୍ଦ୍ଧନ ଦୁଆନ ଓ କ୍ଲଷ୍ଟର ସଂଯୋଜକ ଅଚ୍ୟୁତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ଦାୟିତ୍ୱରେ କଣ୍ଢାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ,ଅତିରିକ୍ତ ଏସପି ଗୁଣନିଧି ମଲ୍ଲିକ, କଣ୍ଢାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ଥାନା ଆଇଆଇସି ବୁଲୁ ମୁଣ୍ଡା,କଣ୍ଢାବାଞ୍ଜି ଥାନା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ,ବଙ୍ଗୋମୁଣ୍ଡା ଥାନା ଆଇଆଇସି ସଞ୍ଜୀବ ଭୀଷ୍ମଦେବ ପ୍ରଧାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ପ୍ରଦର୍ଶନୀରୁ ପ୍ରୀତି ସାହୁ, ଖୁସିରାଣୀ ପାତ୍ର, ଆଶିଷ ମାଝୀ, ଲକ୍ଷ୍ମୀପ୍ରିୟା ମହାନନ୍ଦ, ସାନିଆ ପ୍ରଧାନ ଓ ଝୁପେଶ ବ୍ଲକସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପ୍ରୋଗ୍ରେସିଭ୍ ସମ୍ବଲପୁର ପକ

ସମ୍ପାଦକୀୟ

କ୍ୱାଡ୍ ଶିଖର ସମ୍ମିଳନୀର ବାର୍ତ୍ତା

ବିଶ୍ୱର ଚାରିଟି ଗଣତାନ୍ତ୍ରିକ ରାଷ୍ଟ୍ର ଇଣ୍ଡିଆ (ଭାରତ), ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ଜାପାନର ଚତୁର୍ଭୁଜୀୟ ଗୋଷ୍ଠୀ (କ୍ୱାଡ୍) ପରସ୍ପର ମଧ୍ୟରେ ନିରାପତ୍ତା ରକ୍ଷା ଓ ଆଲୋଚନା ଦୃଷ୍ଟିରୁ ସମଗ୍ର ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି। ଭାରତ ତଥା ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି ଓ ନ୍ୟାୟ ସଂସ୍ଥାପନା ଉଦ୍ଦେଶ୍ୟରେ ଏହା ଗଠିତ ହୋଇଥିଲା ୨୦୦୭ରେ। ଏହି ଗୋଷ୍ଠୀ ତତ୍କାଳୀନ ଜାପାନର ପ୍ରଧାନମନ୍ତ୍ରୀ ସିନୋ ଆବେଙ୍କ ଆଗ୍ରହ ଯୋଗୁଁ ଆରମ୍ଭ ହୋଇଥିଲା। ମାତ୍ର ଚୀନ ଏଥିରେ ଅନ୍ତରାୟ ସୃଷ୍ଟି କରିବାରୁ ଭାରତ ଏହି ଗୋଷ୍ଠୀରେ ସାମିଲ ହେବାକୁ ପ୍ରଥମେ ଅନିଚ୍ଛା ପ୍ରକାଶ କରିଥିଲା। ଫଳରେ ଏହି ଗୋଷ୍ଠୀ ଆଗେଇ ପାରି ନଥିଲା। ମାତ୍ର ୨୦୧୭ ମସିହାରେ ଆସିଆନ୍ (ASEAN) ଶିଖର ସମ୍ମିଳନୀ ସମୟରେ ଉପରୋକ୍ତ ଚାରିଗୋଟି ରାଷ୍ଟ୍ରର ସଦସ୍ୟମାନେ ଆଉ ଥରେ ଏକାଠି ହୋଇ ଏହି କ୍ୱାଡ୍ ବନ୍ଧନକୁ ସୁଦୃଢ଼ କରିଥିଲେ। ୨୦୧୯ରେ ଏହି ଗୋଷ୍ଠୀକୁ ଉନ୍ନତ କରାଯାଇ ମନ୍ତ୍ରୀସ୍ତରୀୟ କରାଯାଇଥିଲା। ମାତ୍ର ୨୦୦୭ରେ ଏହି ଗୋଷ୍ଠୀଭୁକ୍ତ ୪ ଗୋଟି ରାଷ୍ଟ୍ର ଏକ ମିଳିତ ସାମରିକ ସମରାଭ୍ୟାସରେ ଅଂଶଗ୍ରହଣ କରିଥିଲେ। ୨୦୨୧ ମାର୍ଚ୍ଚରେ ଏହି ଗୋଷ୍ଠୀର ପ୍ରଥମ ଶିଖର ସମ୍ମିଳନୀ ଆଭାସିକ ଭାବେ ପ୍ରଥମ ଥର ଲାଗି ଅନୁଷ୍ଠିତ ହୋଇଥିଲା। ମାତ୍ର ସେହି ୨୦୨୧ ସେପ୍ଟେମ୍ବର ମାସରେ କ୍ୱାଡ୍ ଗୋଷ୍ଠୀର ସଦସ୍ୟ ରାଷ୍ଟ୍ରମାନେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁହାଁମୁହିଁ ହୋଇଥିଲେ। ଚାରିଟି ରାଷ୍ଟ୍ରର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରିମାନେ ଏଥିରେ ଯୋଗ ଦେଇଥିଲେ। ଗତ ୧୭ (୨୦୨୬) ତାରିଖରେ ମାନିଲାଠାରେ ଦୁଇବର୍ଷ ପରେ କ୍ୱାଡ୍ ଯେଉଁ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ତାହାର ବାର୍ତ୍ତା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ଚୀନର ଉଷ୍ମତା ଉପରେ ଏହି ଗୋଷ୍ଠୀ ଉଦ୍‌ବେଗ ପ୍ରକାଶ କରିଥିବା ଜଣାଯାଇଛି। ମନଇଚ୍ଛା ରପ୍ତାନୀ ଉପରେ କଟକଣା ବିଷୟରେ ଏକାଠି ହୋଇ ମିଳିମିଶି କାମ କରିବା ସହିତ ସାମୁଦ୍ରିକ ପରିବହନ ଗମନାଗମନ କ୍ଷେତ୍ର ବିଷୟରେ ପଦକ୍ଷେପ ନେବା, ଏହି ଗୋଷ୍ଠୀର ପ୍ରଧାନ ବାର୍ତ୍ତା ଥିଲା ବୋଲି କୁହାଯାଇପାରେ।

ଡୋନାଲ୍ଡ ଟ୍ରମ୍ପ୍ କ୍ୱାଡ୍ (QUAD) ସମ୍ମିଳନୀକୁ ଖୁବ୍ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। 'ମୋଦୀଙ୍କୁ ଜଣେ ବନ୍ଧୁ ଓ ବିରାଟ ନେତା' ବୋଲି ସେ ଯେପରି କହିଲେ ତାହା ଉଦ୍‌ଘାଟନ ଉତ୍ସବକୁ ଆହୁରି ମୁଖରିତ କରିଥିଲା। କ୍ୱାଡ୍‌ର ଏହି ସମ୍ମିଳନୀ ସାମୁଦ୍ରିକ ଓ ସମୁଦ୍ର ଉପରର ନିରାପତ୍ତା ରକ୍ଷା ସହିତ ବଳ ପ୍ରୟୋଗ କରି ଶାନ୍ତି ସ୍ଥାପନକୁ ମଧ୍ୟ ଶ୍ରୀ ଟ୍ରମ୍ପ ଗୁରୁତ୍ୱ ଦେଇଥିଲେ।

ଏହି କ୍ୱାଡ୍ ଶିଖର ସମ୍ମିଳନୀ ବିଗତ ଦୁଇବର୍ଷ ମଧ୍ୟରେ ଭାରତରେ ହୋଇପାରି ନ ଥିବାରୁ, ଆସନ୍ତା ୨୦୨୭ରେ ଭାରତ ଆନୁକୂଲ୍ୟରେ ଏହି ଶିଖର ସମ୍ମିଳନୀର ଆୟୋଜନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

ଏହି କ୍ୱାଡ୍ ଶିଖର ସମ୍ମିଳନୀ ବିଗତ ଦୁଇବର୍ଷ ମଧ୍ୟରେ ଭାରତରେ ହୋଇପାରି ନ ଥିବାରୁ, ଆସନ୍ତା ୨୦୨୭ରେ ଭାରତ ଆନୁକୂଲ୍ୟରେ ଏହି ଶିଖର ସମ୍ମିଳନୀର ଆୟୋଜନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

ମାନିଲାଠାରେ ପୂର୍ବ ଏସିଆ ଶିଖର ସମ୍ମିଳନୀ (EAS)ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମୁଦ୍ରରେ ନାବିକ ଓ ନୌବହରର ନିରାପତ୍ତା ଉପରେ, ଶାନ୍ତି ଚାହୁଁଥିବା ସମାଜ ଉପରେ ଆତଙ୍କବାଦୀମାନଙ୍କ ଧମକଚମକ ତଥା ସାଇବର ଅପରାଧ ପ୍ରଭୃତି ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଆର୍ନ୍ତଜାତୀୟ ସମୁଦ୍ର ପଥରେ ଯାଉଥିବା ଖାଦ୍ୟଦ୍ରବ୍ୟ, ଜାଳେଣି ଓ ସାର ପରିବହନ ପ୍ରଭୃତି ଜାହଜଗୁଡ଼ିକରେ ହେଉଥିବାରୁ ଏସବୁର ନିରାପତ୍ତା ପାଇଁ ଦୃଷ୍ଟି ଦିଆଯାଉ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ତେଣୁ କ୍ୱାଡ୍ ଗୋଷ୍ଠୀର ବାର୍ତ୍ତା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ। (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ।
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ଆଜିର ଅନୁଚିନ୍ତା

ସ୍କ୍ରିନ୍ ଟାଇମ-୨



ରତ୍ନାକର ରାଉତ

ଏକାକୀତ୍ୱ, ନିଃସଙ୍ଗତା, ନାନାଦି ସମସ୍ୟା ମଣିଷକୁ ଦିନକୁ ଦିନ ମୋବାଇଲ ସହିତ ଅଧିକ ନିକଟତର କରୁଛି। ସେ ହେଉପଛେ ଏକ ଆଭାସୀ ଦୁନିଆ (Virtual World), ଯାହା ସତରେ ନ ଥାଇ ମଧ୍ୟ ସତ ଭଳି ଲାଗୁଥିବ, ସେହି ଦୁନିଆ ସହିତ ଯୋଡ଼ି ହେବାକୁ ମଣିଷ ପସନ୍ଦ କରୁଛି। କାରଣ ତାକୁ କିଛି ସଂପର୍କ, କିଛି ଆଳାପ, କିଛି ବକ୍ତବ୍ୟ, କିଛି ମତ ମନ୍ତବ୍ୟ ଉପସ୍ଥାପନ କରିବା ପାଇଁ ଏକ ପ୍ଲାଟଫର୍ମ ଦରକାର, କାରଣ ବାସ୍ତବ ଦୁନିଆରେ ସମସ୍ତେ ଏପରି ବ୍ୟସ୍ତବହୁଳ ଜୀବନ ଜିଉଁଛନ୍ତି ଯେଉଁମାନେ ସେମାନଙ୍କ ପାଖରେ ଏବେ ଆଉ ସମୟ ନାହିଁ। ସମୟ ଥିଲେ ମଧ୍ୟ ସେଭଳି ଏକ ମାନସିକତାକୁ ସଭିଏଁ କେବେଠାରୁ ହରେଇ ସାରିଲେଣି ତାଙ୍କ ଅଜାଣତରେ।

ଆଗରୁ ଲୋକେ ସକାଳୁ ଉଠି ବାରଣ୍ଡାରେ ବସି ଖବର କାଗଜ ପଢୁଥିଲେ, ପଡ଼ୋଶୀଙ୍କ ସହ କଥା ହେଉଥିଲେ, ପିଲାମାନେ ଦାଣ୍ଡରେ ଖେଳୁଥିଲେ କିମ୍ବା ଖେଳ ପଡ଼ିଆ ଆଡ଼କୁ ଦୌଡୁଥିଲେ। ଏବେ ସବୁ ବଦଳି ଯାଇଛି। ଖବର କାଗଜ ଜାଗାରେ ମୋବାଇଲ, ପଡ଼ୋଶୀ ଜାଗାରେ ହ୍ୱାଟ୍ସଆପ୍ ଗ୍ରୁପ୍, ଖେଳ ପଡ଼ିଆ ଜାଗାରେ ମୋବାଇଲ ଗେମ। ଆମେ ସମସ୍ତେ ଏକାଠି ରହି ମଧ୍ୟ ଏକା ଏକା ହୋଇଯାଇଛୁ। ସ୍କ୍ରିନ୍ ଟାଇମ କେବଳ ଘଣ୍ଟା ଅନୁସାରେ ସମୟର ଏକ ସଂଖ୍ୟା ନୁହେଁ, ଏହା ଆମ ଅଜ୍ଞାତରେ ଆମ ଜୀବନରୁ ଚୋରି ହୋଇ ଯାଉଥିବା ସମୟ। ଯେଉଁ ୮ ଘଣ୍ଟା/୧୦ ଘଣ୍ଟା ସ୍କ୍ରିନ୍ ଆଗରେ ବିତୁଛି, ସେତିକି ସମୟରେ ଗୋଟେ ଭଲ ବହି ପଢ଼ାଯାଇ ପାରିଥାନ୍ତା। ଗୋଟେ ଭଲ କଥା କୁହାଯାଇ ପାରିଥାନ୍ତା। ନିଜ ପରିବାର ସହ ଗୋଟେ ଭଲ ସମୟ ବିତାଯାଇ ପାରିଥାନ୍ତା।

ସବୁଠାରୁ ବେଶୀ କ୍ଷତି ହେଉଛି ପିଲାମାନଙ୍କର। ଛୋଟ ବେଳୁ ମୋବାଇଲ ଦେଖିଦେଖି ସେମାନେ କଥା କହିବା ଭୁଲିଯାଉଛନ୍ତି, ଧୈର୍ଯ୍ୟ ହରାଇ ଦେଉଛନ୍ତି, ଆଖି ଆଉ ମନ ଦୁଇଟା ଯାକ ଦୁର୍ବଳ ହୋଇଯାଉଛି। ବଡ଼ମାନଙ୍କର ଅବସ୍ଥା ବି କିଛି ଭଲ ନୁହେଁ। ନିଦ ହେଉ ନାହିଁ କିମ୍ବା ନିଦ କମି ଯାଉଛି, ପୁଣ୍ଡ ବିନ୍ଧୁଛି, ମନ ଅସ୍ଥିର ହେଉଛି, ଅଯଥା ଚିଡ଼ିଚିଡ଼ା ସ୍ୱଭାବ ଓ ରାଗ ବଢୁଛି। ପ୍ରଶ୍ନ ହେଉଛି, ଏଥିପାଇଁ ଦୋଷ କାହାର ? ମୋବାଇଲର ନା ଆମର ? **ମୋବାଇଲ ତ' ଗୋଟାଏ ଯନ୍ତ୍ର ମାତ୍ର। ଯେପରି ଛୁରିଦ୍ୱାରା ପନିପରିବା କଟାଯାଏ, କାହାକୁ ଆଘାତ ବି କରାଯାଏ। ସେପରି ମୋବାଇଲକୁ ଆମେ କେମିତି ବ୍ୟବହାର କରୁଛୁ, ସେଥିରେ ହିଁ ସବୁ କିଛି ନିର୍ଭର କରେ। ଆମକୁ ସ୍କ୍ରିନକୁ ଛାଡ଼ିବାକୁ ପଡ଼ିବ ନାହିଁ, କେବଳ ସ୍କ୍ରିନକୁ ବାନ୍ଧିବାକୁ ପଡ଼ିବ। ଜୀବନ ସ୍କ୍ରିନ୍ ଭିତରେ ନୁହେଁ, ସ୍କ୍ରିନ୍ ବାହାରେ ଅଛି। ଯେଉଁ ହସ, ଯେଉଁ କଥା, ଯେଉଁ ସ୍ନେହ, ଯେଉଁ ବନ୍ଧନ, ଯେଉଁ ସଂପର୍କ, ଯେଉଁ ପ୍ରେମ, ଯେଉଁ ଭଲ ପାଇବା ତାହା କୌଣସି ସ୍କ୍ରିନରେ ମିଳିବ ନାହିଁ। ଆଜି ଯଦି ଆମେ ଟିକେ ସଚେତନ ନ ହେବା, କାଲି ଆମେ ନିଜ ଲୋକଙ୍କ ମଧ୍ୟରେ ରହି ମଧ୍ୟ ପର ହୋଇଯିବା।**

ସ୍କ୍ରିନ୍ କଥା ଆସିଲେ ଆମେ ସାଧାରଣତଃ ଖରାପ କଥା ହିଁ କହିଥାଉ। ପିଲା ବିଗିଡ଼ି ଗଲା, ନିଦ ଭାଙ୍ଗିଗଲା, ସଂପର୍କ ତୁଟିଗଲା, ଏ ସବୁ ସତ। କିନ୍ତୁ ଏହା ହିଁ ପୂରା ସତ ନୁହେଁ। ସ୍କ୍ରିନ୍ ଆଜି ଆମ ଜୀବନ ପାଇଁ ଅନେକ ଉପଯୋଗୀ ବି ହୋଇଛି, ଏହାକୁ ଅସ୍ୱୀକାର କରିବା ଭୁଲ ହେବ। ଜଣେ ବୟସ୍କ ପେନସନଧାରୀ ଆଗରୁ ଲାଇଫ୍ ସାର୍ଟିଫିକେଟ ପାଇଁ, କେ.ୱାଇ.ସି. ଦାଖଲ ପାଇଁ ହଇରାଣ ହେଉଥିଲେ। ଏବେ ଘରେ ବସି ମୋବାଇଲରେ ଜୀବନ ପ୍ରମାଣ ପତ୍ର ଦାଖଲ କରିବା ସହିତ କେ.ୱାଇ.ସି.ର ନବୀକରଣ ମଧ୍ୟ କରିପାରୁଛନ୍ତି। ଗାଁର ପିଲାମାନେ ଏବେ ମୋବାଇଲ ମାଧ୍ୟମରେ ଦୁନିଆର ସବୁଠାରୁ ଭଲ ଶିକ୍ଷକଙ୍କଠାରୁ ପାଠ ପଢ଼ିପାରୁଛନ୍ତି। ବିଦେଶରେ ଥିବା ପୁଅ ଓ ଝିଅମାନେ ମାଆବାପାଙ୍କ ସହ ଭିଡିଓ କଲରେ କଥା ହେଉଛନ୍ତି। ଚାଷୀ ମୋବାଇଲରେ ପାଗ ଦେଖୁଛି, ବଜାର ଦର ଜାଣୁଛି। ଦୈବୀ ଦୁର୍ବିପାକର ସତର୍କ ସୂଚନା ମୋବାଇଲ ଜରିଆରେ ଘରେ ଘରେ ପହଁଚୁଛି। ଡାକ୍ତରଙ୍କ ସହ ପରାମର୍ଶ, ଟଙ୍କା ଦେଣ ନେଣ ଓ ଚାକିରି ଖୋଜିବା, ସବୁ ଏବେ ଗୋଟିଏ ସ୍କ୍ରିନ୍ ଭିତରେ। ସ୍କ୍ରିନ୍ ଆମର ଛୋଟ ଦୁନିଆକୁ ଯୋଗାଯୋଗ ମାଧ୍ୟମରେ ବଡ଼ କରି ଦେଇଛି। ତେଣୁ ପ୍ରଶ୍ନ ହେଉଛି ସ୍କ୍ରିନ୍ ଛାଡ଼ିବା ନୁହେଁ, ବରଂ କିପରି ବ୍ୟକ୍ତିଗତ ସମୟ ଓ ସ୍କ୍ରିନ୍ ସମୟ ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ (Balance) ରଖିବା। ଏ ବାଲାନ୍ସ କେମିତି ରଖାଯିବ ?

୧) **ଉଦ୍ଦେଶ୍ୟ ରଖି ବ୍ୟବହାର କରିବା:** ମୋବାଇଲ ଧରିବା ଆଗରୁ ମନେ ପକେଇବା, ମୁଁ କ'ଣ ପାଇଁ ମୋବାଇଲ ଧରୁଛି। କାମ ସରିଗଲେ ମୋବାଇଲ ରଖିଦେବା।

୨) **କିଛି ସମୟ ନୋ-ସ୍କ୍ରିନ୍ ରଖିବା:** ଖାଇବା ବେଳେ, ପରିବାର ସହ ବସି ସମୟ ବିତେଇଲା ବେଳେ, ଶୋଇବାର ଅଧ ଘଣ୍ଟା ଆଗରୁ ମୋବାଇଲ ଦୂରରେ ରଖିବା।

୩) **ପିଲାଙ୍କ ଆଗରେ ଉଦାହରଣ ହେବା:** ପିଲା ଆମ କଥା ଶୁଣେ ନାହିଁ, ଆମକୁ ଦେଖି ଶିଖେ। ଆମେ ମୋବାଇଲ କମ ଦେଖିଲେ ସେ ବି କମ୍ ଦେଖିବ।

୪) **ସ୍କ୍ରିନକୁ ଶିଖିବା ପାଇଁ ବ୍ୟବହାର କରିବା:** କେବଳ ମନୋରଞ୍ଜନ ପାଇଁ ନୁହେଁ, ଜ୍ଞାନ ଅର୍ଜନ, କୌଶଳ ଆହରଣ ଓ ସ୍ୱାସ୍ଥ୍ୟ ପାଇଁ ବ୍ୟବହାର କଲେ ସ୍କ୍ରିନ୍ ବନ୍ଧୁ ହୋଇଯିବ।

ତେବେ ଆସନ୍ତୁ ଜାଣିବା ଅସୁବିଧା କେଉଁଠି? ଅସୁବିଧା ସ୍କ୍ରିନ୍‌ରେ ନୁହେଁ, ଅସୁବିଧା ରହିଛି ଆମ ଭିତରେ। ଆମେ ଦରକାର ପାଇଁ ସ୍କ୍ରିନ୍ ଦେଖିବା ଆରମ୍ଭ କରି, ଅଭ୍ୟାସରେ ଫସି ଯାଉଛୁ। କାମ ସରିବା ପରେ ମଧ୍ୟ ଆଙ୍ଗୁଠି ଆପେଆପେ ରିଲ୍ ସ୍କ୍ରୋଲ କରୁଛି, ଆଖି ଅଯଥା କ'ଣ କ'ଣ ଖୋଜୁଛି। ସେଥିରେ ସମୟ ଜଣାପଡୁନି ବିତିଯାଉଛି, ନିଦ ହଜିଯାଉଛି, ମନ ଥକିଯାଉଛି, ଅବସାଦ ଘାରୁଛି ପରିଶେଷରେ। ପିଲା ପାଠ ପଢ଼ିବା ପାଇଁ ମୋବାଇଲ ଧରି ଗେମ୍ ଖେଳୁଛି। ଯୁବକଯୁବତୀମାନେ କାମରେ ମୋବାଇଲ ବ୍ୟବହାର କରୁକରୁ ନାନାଦି ନିଷିଦ୍ଧ ଇଲାକାରେ ଅନୁପ୍ରବେଶ କରୁଛନ୍ତି। ବଡ଼ ଲୋକମାନେ କାମ କରିବା ପାଇଁ ମୋବାଇଲ ଧରି ଘଣ୍ଟାଘଣ୍ଟା ଗପସପରେ ମାତିଯାଉଛନ୍ତି। ସ୍କ୍ରିନ୍ ଆମ ଶତ୍ରୁ ନୁହେଁ, ଅନିୟନ୍ତ୍ରିତ ଅଭ୍ୟାସ ହିଁ ଶତ୍ରୁ। ମାଲିକ ହୋଇ ସ୍କ୍ରିନକୁ ବ୍ୟବହାର କଲେ ସେ ଆମର ସବୁଠାରୁ ବଡ଼ ଶକ୍ତି ଓ ମୂଲ୍ୟବାନ ସମ୍ପତ୍ତି ହୋଇ ରହିବ। ଆଉ ତା'ର ଗୋଲାମ ହୋଇଗଲେ ସେ ହିଁ ଆମର ସବୁଠାରୁ ବଡ଼ ଦୁର୍ବଳତା ଓ ଦୁର୍ଦ୍ଦିନର ବାର୍ତ୍ତାବହ ହୋଇଯିବ। ତେଣୁ ଏକ ବାଲାନ୍ସ ବା ସନ୍ତୁଳନ ହିଁ ଆବଶ୍ୟକ। କାରଣ, "ଅତି ସର୍ବତ୍ର ଗର୍ହିତମ୍।"

(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)
ଭୁବନେଶ୍ୱର, ମୋ: ୯୪୩୭୩୮୨୨୧୯

ଜନସେବା ପ୍ରସାରଣର ସଂଜ୍ଞା ଓ ଇତିହାସ



ଡ଼ ମୃଣାଳ ଚାଟାର୍ଜୀ

ଇତିହାସ ଓ ପୃଷ୍ଠଭୂମି

୧୯୪୭ ମସିହା ନଭେମ୍ବର ୧୨ ତାରିଖରେ ମହାତ୍ମା ଗାନ୍ଧୀ ପ୍ରଥମ ଏବଂ ଶେଷ ଥର ପାଇଁ ନୂଆଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ରେଡିଓ (ଆକାଶବାଣୀ) ଷ୍ଟୁଡିଓକୁ ଆସିଥିଲେ। ଦେଶ ବିଭାଜନ ପରେ ପାକିସ୍ତାନରୁ ଆସି ହରିଆଣାର କୁରୁକ୍ଷେତ୍ରରେ ଅସ୍ଥାୟୀ ଭାବେ ରହୁଥିବା ଶରଣାର୍ଥୀମାନଙ୍କୁ ଭେଟିବା ପାଇଁ ଗାନ୍ଧୀଜୀ ସେଠାକୁ ଯିବାର ଥିଲା। କିନ୍ତୁ ବିଭିନ୍ନ କାରଣ ବଶତଃ ସେ ସେଠି ଯାଇପାରି ନଥିଲେ। ତେଣୁ, ରେଡିଓ ମାଧ୍ୟମରେ ସେହି ଲୋକମାନଙ୍କୁ ସମ୍ବୋଧିତ କରି ସେ ସାନ୍ତ୍ୱନା ଓ ଶାନ୍ତିର ବାର୍ତ୍ତା ଦେଇଥିଲେ।

ଗାନ୍ଧୀଜୀଙ୍କର ଏହି ଏକମାତ୍ର ଆକାଶବାଣୀ ଗସ୍ତକୁ ସ୍ମରଣୀୟ କରିବା ପାଇଁ ଏବଂ ଗଣମାଧ୍ୟମର ସାମାଜିକ ଦାୟିତ୍ୱକୁ ରେଖାଙ୍କିତ କରିବା ପାଇଁ ୨୦୦୦ ମସିହାରେ ଆନୁଷ୍ଠାନିକ ଭାବେ ନଭେମ୍ବର ୧୨କୁ 'ଜନସେବା ପ୍ରସାରଣ ଦିବସ' ଭାବେ ଘୋଷଣା କରିଥିଲେ ସେତେବେଳର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିଲେ ସୁଷମା ସ୍ୱରାଜ।

ଜନସେବା ପ୍ରସାରଣ (Public Service Broadcasting) କଣ?

ଜନସେବା ପ୍ରସାରଣ ହେଉଛି ଏପରି ଏକ ପ୍ରସାରଣ (ବ୍ରଡକାଷ୍ଟିଂ) ବ୍ୟବସ୍ଥା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କୁ ଠିକ ଓ ଆବଶ୍ୟକୀୟ ସୂଚନା ଓ ତଥ୍ୟର ପ୍ରସାରଣ ମାଧ୍ୟମରେ ସେବା କରିବା - ବ୍ୟବସାୟିକ ଲାଭ ବା ରାଜନୈତିକ ସ୍ୱାର୍ଥ ହାସଲ କରିବା ନୁହେଁ।

ଜନସେବା ପ୍ରସାରଣର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା:

• **ନିରପେକ୍ଷତା:** କୌଣସି ବାଣିଜ୍ୟିକ ଚାପ ବା ରାଜନୈତିକ ଦଳର ପ୍ରଭାବରୁ ମୁକ୍ତ ରହି ସତ୍ୟ ଓ ଠିକ ଖବର ଏବଂ ତାର ପ୍ରେକ୍ଷାପଟ ଓ ବିଶ୍ଳେଷଣ ଲୋକମାନଙ୍କ ପାଖରେ ପହଞ୍ଚାଇବା।

• **ସାର୍ବଜନୀନତା:** ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ, ସେ ସହରରେ ବା ଦୁର୍ଗମ ଗ୍ରାମରେ ରହୁଥାନ୍ତୁ, ସେଠାରେ ସୂଚନା ପହଞ୍ଚାଇବା।

• **ଶିକ୍ଷା ଓ ସଚେତନତା:** ସମାଜର କଲ୍ୟାଣ ପାଇଁ ଶିକ୍ଷଣୀୟ ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମ ପ୍ରସାରଣ କରିବା। ଏ କାର୍ଯ୍ୟକ୍ରମରେ ମନୋରଞ୍ଜନ ଥାଇପାରେ। କିନ୍ତୁ କେବଳ ମନୋରଂଜନକୁ ଜନସେବା ପ୍ରସାରଣ ଅଗ୍ରପ୍ରାଧାନ୍ୟ ଦିଏ ନାହିଁ।

ଭାରତରେ ପ୍ରସାର ଭାରତୀ (ଆକାଶବାଣୀ ଏବଂ ଦୂରଦର୍ଶନ) ଜନସେବା ପ୍ରସାରଣର ଦାୟିତ୍ୱ ତୁଲାଉଛି। ପ୍ରସାର ଭାରତୀ ଆଇନ ୧୯୯୦ରେ ସଂସଦରେ ପାରିତ ହୋଇ ଲାଗୁ ହୋଇଥିଲା ୧୯୯୭ରେ।

ଭାରତ ଭଳି ଦେଶ ପାଇଁ ଏହାର ଆବଶ୍ୟକତା ଓ ଗୁରୁତ୍ୱ

ଭାରତ ପରି ଏକ ବିଶାଳ ଏବଂ ବିବିଧତାପୂର୍ଣ୍ଣ ଗଣତାନ୍ତ୍ରିକ ଦେଶ ପାଇଁ ଜନସେବା ପ୍ରସାରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭାଷାଗତ ଓ ସାଂସ୍କୃତିକ ବିବିଧତାର ସଂରକ୍ଷଣରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତରେ ୨୨ଟି ସମ୍ବିଧାନ -ସ୍ୱୀକୃତ ଭାଷା ରହିଛି। ୧୨୧ଟି ମୁଖ୍ୟ ଭାଷା ରହିଛି। ମାତୃଭାଷାର ସଂଖ୍ୟା ୧୩୬୯। ବିଭିନ୍ନ ପ୍ରକାର ସଂସ୍କୃତି ବି ରହିଛି। ବ୍ୟବସାୟିକ ଚ୍ୟାନେଲଗୁଡ଼ିକ କେବଳ ଅଧିକ ଦର୍ଶକ ଥିବା ଭାଷାକୁ ଗୁରୁତ୍ୱ ଦିଅନ୍ତି। କିନ୍ତୁ ଆକାଶବାଣୀ ଓ ଦୂରଦର୍ଶନ ଆଞ୍ଚଳିକ ଭାଷା, ଉପଭାଷା ଏବଂ ଲୋକକଳାକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେଇଥାଏ।

ଜନସେବା ପ୍ରସାରଣର ଉଦ୍ଦେଶ୍ୟ ଦେଶର ସର୍ବାଙ୍ଗୀନ ବିକାଶ। କେବଳ ସହରାଞ୍ଚଳ ନୁହେଁ, ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳର ବି ବିକାଶ। ଆଜି ବି ଭାରତର ଅନେକ ଗାଁରେ ବ୍ୟବସାୟିକ ଗଣମାଧ୍ୟମ ପହଂଚି ପାରି ନାହିଁ। ଜନସେବା ପ୍ରସାରକମାନେ କୃଷି, ସ୍ୱାସ୍ଥ୍ୟ, ପାଣିପାଗ ଏବଂ ସରକାରୀ ଯୋଜନା ବିଷୟରେ ସହଜ ଭାଷାରେ ଗ୍ରାମୀଣ ଲୋକଙ୍କୁ ଅବଗତ କରାନ୍ତି। ସାମାଜିକ ସଂସ୍କାର ଓ ସଚେତନତା ଜନସେବା ପ୍ରସାରଣର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ। ଜାତିପ୍ରଥା, ଅନ୍ଧବିଶ୍ୱାସ, ଶିଶୁ ଶ୍ରମିକ, ଏବଂ ମହିଳା ସଶକ୍ତିକରଣ ଭଳି ଗମ୍ଭୀର ସାମାଜିକ ପ୍ରସଙ୍ଗ ଉପରେ ଏହା ନିରନ୍ତର ସ୍ୱର ଉତ୍ତୋଳନ କରିଥାଏ।

ଜନସେବା ପ୍ରସାରଣ ସଙ୍କଟ ସମୟରେ ବିଶ୍ୱସନୀୟ ସାଥୀ ଭାବେ କାର୍ଯ୍ୟ କରେ। ବନ୍ୟା, ବାତ୍ୟା କିମ୍ବା କରୋନା ମହାମାରୀ (କୋଭିଡ-୧୯) ସମୟରେ ଯେତେବେଳେ ଗୁଜବ ବଢିଯାଏ, ସେତେବେଳେ ଜନସେବା ପ୍ରସାରଣ ଲୋକଙ୍କୁ ଠିକ୍ ଓ ଜୀବନରକ୍ଷାକାରୀ ସୂଚନା ପ୍ରଦାନ କରିଥାଏ।

(ଜଣେ କଥାଶିଳ୍ପୀ ଭାବରେ ପରିଚିତ)
ଭିଆଇପି-୨୧, ଲିଟିଲ ଓଡ଼ିଶା, ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

ନାରୀଙ୍କ ନିରାପତ୍ତାରେ ଶୌଚାଳୟର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୨୪,୧୫୦...

ମିଶନ ଲାଗି ୫୦୦ କୋଟି ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଲାଗି ୯୦ କୋଟି, ଭିତ୍ତିଭୂମି ବିକାଶ ଲାଗି ୨୩୫.୯ କୋଟି, ଓଡ଼ିଶା ଅକ୍ଷୟଶକ୍ତି ବିକାଶ ଯୋଜନା ଲାଗି ୬୪୨ କୋଟି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଲାଗି ୫୦୦ କୋଟି, ସହରାଞ୍ଚଳ ବିକାଶଲାଗି ୩୭୨ କୋଟି, ପିଏମଶ୍ରୀ ଲାଗି ୩୦୭ କୋଟି, ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଏବଂ ଶିଳ୍ପକ୍ଷେତ୍ର ଲାଗି ୮୪୩ କୋଟି, ମହିଳା ସଶକ୍ତିକରଣ ଲାଗି ୧୨୪୭ କୋଟି, ସୁଭଦ୍ରା ଯୋଜନା ଲାଗି ୫୫୦ କୋଟି, କୃଷକ କଲ୍ୟାଣ ଲାଗି ୧୬୦୬ କୋଟି, ସାମାଜିକ ସୁରକ୍ଷା ଲାଗି, ୭୩୩ କୋଟି, ପିପିଲିରେ ଚାନ୍ଦୁଆ ହବ ବିକାଶ ପାଇଁ ୧୦ କୋଟି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧିନରେ ଖାଦ୍ୟ ସବସିଡ ପାଇଁ ୮୩୧୨ କୋଟି, ରେଳ ପ୍ରକଳ୍ପ ବିକାଶ ଓ ଏଥିପାଇଁ ରାଜ୍ୟର ଅବଦାନ ବାବଦକୁ ୫୫୦ କୋଟି ବ୍ୟୟବରାଦ ହୋଇଛି ।

ଶୀତ...

ଶୋକ ପ୍ରସ୍ତାବ ଗୃହୀତ ହେବା ପରେ ଉଭୟ ବିରୋଧୀ ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ । ହଟ୍ଟଗୋଳ ମଧ୍ୟରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ବିଧାୟକ ଭାସ୍କର ମଡେଇଙ୍କ ଏକ ପ୍ରଶ୍ନର ଉତ୍ତର ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରଖିଥିଲେ । ତେବେ ବିରୋଧୀ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ୧୧ଟା ୩୫ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

ଅପରାହ@ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାବେ ନାରାବାଜି କରିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିରିକ୍ତ ବଜେଟ ଉପସ୍ଥାପନା କରିଥିଲେ । ଗୃହ କାର୍ଯ୍ୟ ସ୍ୱାଭାବିକ ନହେବାରୁ ୪.୦୭ରେ ଗୃହ କାର୍ଯ୍ୟ ଆସନ୍ତାକାଲି ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

୨୦ ସକାଳୁ...

କଟକ, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଅନୁଗୋଳ, ବୌଦ୍ଧ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ।

୧୯ ତାରିଖ ସକାଳୁ ସମୁଦ୍ର ଅଶାନ୍ତ ରହିବା ସହିତ ୨୦ ତାରିଖରେ ବାତ୍ୟା ଲ୍ୟାଣ୍ଡଫଲ କରିବା ପର୍ଯ୍ୟନ୍ତ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ୨୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ପ୍ରବେଶ ନକରିବାକୁ ପରାମର୍ଶ ଦିଆଯାଇଛି । ଓଡ଼ିଶାର ସମସ୍ତ ବନ୍ଦରଗୁଡ଼ିକୁ ତିନି ନମ୍ବର ବିପଦ ସଙ୍କେତ ଦିଆଯାଇଛି ।

ଜିରୋ...

ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ମନିଟରିଙ୍ଗ୍ ଦାୟିତ୍ୱରେ ଅଛନ୍ତି । ପାଣିପାଗ ବିଭାଗର ସୂଚନା ଓ ଆକଳନ ଅନୁଯାୟୀ, ଏହି ବାତ୍ୟାଟି ଆସନ୍ତା ନଭେମ୍ବର ୨୦ ତାରିଖ ମଧ୍ୟାହ୍ନରେ ଉତ୍ତର ଆନ୍ଧ୍ରପ୍ରଦେଶର ନର୍ସାପୁର ଏବଂ ପୁରୀ ମଧ୍ୟରେ ସ୍ଥଳଭାଗ (ଲ୍ୟାଣ୍ଡଫଲ) ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ ଘଣ୍ଟାପ୍ରତି ୯୦ ରୁ ୧୦୦ କିଲୋମିଟର ଏବଂ କେତେକ ସ୍ଥାନରେ ୧୧୦ କିଲୋମିଟର ପର୍ଯ୍ୟନ୍ତ ପ୍ରବଳ ଝଟକା ପବନ ବହିବାର ଆଶଙ୍କା ରହିଛି । ୧୧ଟି ଜିଲ୍ଲାକୁ ରେଡ ୱାର୍ଣ୍ଣିଙ୍ଗ୍ ଅଛି । ଏହି ଜିଲ୍ଲାଗୁଡ଼ିକ ହେଲା- ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ପୁରୀ, ନୟାଗଡ଼ ଏବଂ ଖୋର୍ଦ୍ଧା । ଏହି ଜିଲ୍ଲାମାନଙ୍କରେ ୧୯ ଓ ୨୦ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ସୁଦ୍ଧା ୪୪୮ ଟି ବାତ୍ୟା ଆଶ୍ରୟ ସ୍ଥଳୀ କାର୍ଯ୍ୟକ୍ଷମ କରାଯାଇଛି । ୩ ହଜାରରୁ ଅଧିକ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରାଯାଉଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା କାର୍ଯ୍ୟ ଆରମ୍ଭ ହୋଇଗଲାଣି । ରେଡ ୱାର୍ଣ୍ଣିଙ୍ଗ୍ ଥିବା ଜିଲ୍ଲା ଗୁଡିକରୁ ୪୭ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇସାରିଛି । ଗଞ୍ଜାମରେ ସର୍ବାଧିକ ୨୫ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଜଗତସିଂହପୁରରେ ୧୧ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି । ଆଜି ରାତି ସୁଦ୍ଧା ସେମାନଙ୍କୁ ସ୍ଥାନାନ୍ତରିତ କରାଯିବ । ୧୩୧୩ ଜଣ ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟି ଓଡ୍ରାଫ୍ ଏବଂ ୧୪ଟି ଏନଡିଆରଏଫ୍ ସମୁଦାୟ ୭୪ଟି ଟିମ୍ ନିୟୋଜିତ କରାଯାଇଛି । ଅଧିକ ୨୦ଟି ଟିମ୍‌କୁ ମଧ୍ୟ ଆଲର୍ଟରେ ରଖାଯାଇଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଦ୍ଧାର ଓ ରିଲିଫ୍‌କାର୍ଯ୍ୟ ପରିଚାଳନା ପାଇଁ ଆଗୁଆ ପାଣ୍ଠି ଯୋଗାଇ ଦିଆଯାଇଛି । ଗଞ୍ଜାମ ଜିଲ୍ଲାକୁ ୫ କୋଟି ଏବଂ ଅନ୍ୟ ୧୫ଟି ଜିଲ୍ଲାକୁ ୧ କୋଟି ଟଙ୍କା ଲେଖାଏଁ, ମାଲକାନଗିରି ଜିଲ୍ଲାକୁ ୫୦ ଲକ୍ଷ ଟଙ୍କା- ସମୁଦାୟ ୨୦.୫ କୋଟି ଟଙ୍କା ଆଗୁଆ ଦିଆଯାଇଛି । ସାତଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସାତଟି ଜିଲ୍ଲାରେ ପ୍ରସ୍ତୁତି ଏବଂ ରିଲିଫ୍ ଓ ରିଷ୍ଟୋରେସନ୍ କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାଗୁଡ଼ିକରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ । ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ କରାଯାଇଛି । ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ୧୦ଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ ସଚିବ ସ୍ତରୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରାଯାଇଥିବା ବେଳେ, ୨୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

ହ୍ୟୁମାନ ସ୍ମୃତି ସମ୍ମାନ ପାଇଲେ ଧାମନଗରର ଗୌରବ ଗୀତିକାର-ଗୁରୁଦତ୍ତ

ଧାମନଗର(ସବୁ୍ୟ) ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତର ଯୁବ ଗୀତିକାର ଗୁରୁଦତ୍ତ ବେହେରା ହ୍ୟୁମାନ ସ୍ମୃତିସମ୍ମାନରେ ସମ୍ମାନିତ ହୋଇ ଧାମନଗର ପାଇଁ ଗୌରବ ଆଣିଛନ୍ତି ।ଓଡ଼ିଆ ସଙ୍ଗୀତ ଜଗତରେ ସଓ୍ୱତନ୍ତ୍ର ଛାପ ଛାଡ଼ିଯାଇଥିବା କ=ଶିଳ୍ପୀ ସଓ୍ୱର୍ଗତ ହ୍ୟୁମାନ ସାଗରଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହ୍ୟୁମାନ ସ୍ମୃତି ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଗ୍ରାମାଞ୍ଚଳରୁ ନିଜ ପ୍ରତିଭା ବଳରେ ସଙ୍ଗୀତ ଜଗତରେ ପରିଚୟ ସୃଷ୍ଟି କରିଥିବା ଗୁରୁଦତ୍ତ ଙ୍କୁ ସମ୍ମାନିତ କରାଯାଇ ।

ଅଁଳା ନବମୀ : ରାଧା ପାଦ ଦର୍ଶନ କଲେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ

ସାକ୍ଷୀଗୋପାଳ,୧୮।୧୧,(ସବୁ୍ୟ): ଆଜି ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି ପବିତ୍ର ଅଁଳା ନବମୀ । ସାକ୍ଷୀଗୋପାଳ ମନ୍ଦିରରେ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପାଦ ଦର୍ଶନଅନୁଷ୍ଠିତ ହୋଇଥିଲା । ବର୍ଷକରେ କେବଳ ଏହି ଗୋଟିଏ ଦିନ ନିମନ୍ତେ ମା ରାଧାରାଣୀଙ୍କର ପାଦଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ୨ ଲକ୍ଷରୁ ଉର୍ଦ୍ଧ୍ୱର୍ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଟ୍ ମଧ୍ୟରେ ଯାଇ ମାଙ୍କର ପାଦ ଦର୍ଶନ କରିଥିଲେ ।



ଭକ୍ତମାନେ ୧୧ ଥାକିଆ ବ୍ୟାରିକେଟ ମଧ୍ୟରେ ଲମ୍ବା ଧାଡିରେ ଯାଇ ପ୍ରାୟ ୩ ଘଣ୍ଟା ପରେ ପାଦ ଦର୍ଶନର ଦୁର୍ଲଭ୍ୟ ସୁଯୋଗ ଲାଭ କରିଥିଲେ । ଚଳିତ ବର୍ଷ ପ୍ରଥମ କରି ମଙ୍ଗଳବାର ରାତି ୯ ଟାରେ ଠାକୁରଙ୍କର ପହୁଡ଼ ଅନୁଷ୍ଠିତ ହୋଇଥିଲା । ପରେ ରାତି ୧୦ ଟା ର ସିଂହଦ୍ୱାର ଖୋଲାଯାଇ ଦେବନୀତି ଆରମ୍ଭ ହୋଇଥିଲା । ରାତି ୨ ଟାରେ ମନ୍ଦିର ଖୋଲାଯାଇ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା । ବୁଧବାର ସକାଳ ୮ ଟା ପର୍ଯ୍ୟନ୍ତ ଭି ଆଇ ପି ପାସ ଦର୍ଶନ ବ୍ୟବସ୍ଥା ବନ୍ଦ ରହିଥିଲା ।ଏହି ୬ ଘଣ୍ଟା ମଧ୍ୟରେ ବ୍ୟାରିକେ ମଧ୍ୟରେ ସିଂହଦ୍ୱାର ଠାରେ ମେଟାଲ ଡିଟେକ୍ଟର ଯାଞ୍ଚ ହୋଇ ଭକ୍ତମାନେ ମନ୍ଦିର ପ୍ରବେଶ କରିଥିଲେ । ମୁଖ୍ୟ ଧାଡିରେ ଭକ୍ତମାନଙ୍କୁ ଅପେକ୍ଷା କରିବାକୁ ପଡି ନ ଥିଲା । ଧାଡି ନିୟମିତ ଭାବରେ ଚାଲିଥିଲା । ସାକ୍ଷୀଗୋପାଳ ଠାକୁର ଉତ୍ତର ଭାରତ ଅଞ୍ଚଳରୁ ଆସିଥିବାରୁ ଠାକୁରାଣୀ ରାଧାରାଣୀ ଉତ୍ତର ଭାରତୀୟ ବେଶଭୂଷା ପରିଧାନ କରିଥାନ୍ତି.ଫଳରେ ବର୍ଷ ସାରା ଠାକୁରାଣୀଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ । ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ରାଧାରାଣୀ ଓଡ଼ିଆଣୀ ବେଶ ହୋଇ କାଣୀଆ କଛା ମାରିଥାନ୍ତି । ଯାହା ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ । ଭକ୍ତ ମାନଙ୍କୁ ଠାକୁରାଣୀଙ୍କ ପାଦପଦ୍ମ ଦେଖିବାର ସୁଯୋଗ ମିଳିଥାଏ । ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା ।ବେଶରେ ଠାକୁରାଣୀ ନୂତନ ପାଟବସ୍ତ୍ର ପରିଧାନ କରି କାଣୀଆ କଛା ମାରିଥିଲେ । କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା । ଠାକୁରାଣୀ ପାଦରେ ଅଳତା ଓ ଆଖିରେ କଜ୍ଜଳ ଲଗାଇଥିଲେ ।ଠାକୁରାଣୀଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳ ମାଳ, ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆ ମାଳ, ସୁବର୍ଣ୍ଣ ଚକି ମାଳ, ସୁବର୍ଣ୍ଣ କମରପଟି ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରାଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ, ହାତରେ ସୁବର୍ଣ୍ଣ ବାଘନଖି ମାଳ, ପାଦରେ ସୁବର୍ଣ୍ଣ ନୂପୁର, ଘୁଙ୍ଗୁର, ବାଙ୍କୀ, ପାପଡୁ, ଓ ଚୁପୁଲି ଶୋଭା ପାଉଥିଲା । ସେହିପରି ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉଙ୍କର ମନୋରମ ନଟବର ବେଶ ହୋଇଥିଲେ ।ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ । ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲ ହାର, ହସ୍ତରେ ସୁବର୍ଣ୍ଣ ବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା ।ଭକ୍ତ ମାନଙ୍କ ଦର୍ଶନ ନିମନ୍ତେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୧୧ ଥାକିଆ ଷ୍ଟିଲ ନିର୍ମିତ ଛାୟାପ୍ରଦ ବ୍ୟାରିକେଡ଼ ନିର୍ମାଣ ହୋଇଥିଲା ୫ ବ୍ୟାରିକେ ମଧ୍ୟରେ ଏଆର କୁଲର ବ୍ୟବସ୍ଥା ହୋଇଥିଲା । ଭକ୍ତ ମାନେ ଧାଡିରେ ଆସି ବ୍ୟାରିକେଡ଼ ମଧ୍ୟରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ । ପ୍ରଶାସନ ତରଫରୁ ମନ୍ଦିର ପରିସର ଓ ସିଂହଦ୍ୱାର ସମ୍ମୁଖରେ ସି ସି ଟିଭି ଲଗା ଯାଇଥିଲା । ସିଂହ ଦ୍ୱାର ସମ୍ମୁଖରେ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ପରେ ଭକ୍ତ ମାନେ ମନ୍ଦିର ପ୍ରବେଶ କରିଥିଲେ । । ସାକ୍ଷୀଗୋପାଳ ମନ୍ଦିର, ମନ୍ଦିର ଚାରିପଟ ଓ ବଜାର ରାସ୍ତାରେ ଆଲୋକ ବ୍ୟବସ୍ଥା ହୋଇଥିଲା ୫ ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଗଳାପୋଲ ହୋଇପାରୁନି : ନାଗରିକ ମଞ୍ଚର ଉଦ୍‌ବେଗ

ସୋର,(ସବୁ୍ୟ): ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅବସର ପ୍ରାପ୍ତ କର୍ମଚାରୀ ଭବନରେ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ ବୈଠକର ବିବରଣୀ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ପାଣିଗ୍ରାହୀ ପାଠ କରିବା ପରେ ଅନୁମୋଦନ କରାଯାଇଥିଲା ।ଉତ୍ତରେଶ୍ୱର ଗଳାପୋଲ ସାମ୍ପ୍ରସାରଣକୁ ଇଚ୍ଛାକୃତ ଭାବେ ବନ୍ଦ କରିଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଠିକ ସେହିପରି ବ୍ରିଜଗୋପାଲ ନିର୍ମାଣ କମ୍ପାନୀର ପ୍ରତିଶୃତି ଅନୁଯାଇ ୧୬ ନମ୍ବର ଜାତୀୟ ରାଜପଥର ଉତ୍ତରେଶ୍ୱର ରାଢିଆଣୀ ପୋଖରୀ ସାମ୍ନାରେ ଅସ୍ଥାୟୀ ବସଷ୍ଟାଣ୍ଡ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନର ପ୍ରତିଶୃତି ଅଦ୍ୟାବଧି କାର୍ଯ୍ୟକାରୀ ହେଲାନାହିଁ ।ସୋର ସହକାରୀ ଶ୍ରମ ଅଫିସ ସୋରରେ ନହୋଇ ବାଲେଶ୍ୱରରେ ଚାଲିଛି ଏବଂ ସୋର ଆର.ଡି ଡିଭିଜନ ଅଫିସ କୁରୁଡ଼ା ଠାରେ ହେବାକୁ ଯୋଜନା ଚାଲିଛି, ଯାହା ସୋର ରାଜନୈତିକ ଦଳ ମାନଙ୍କର ଇଚ୍ଛାଶକ୍ତି ଅଭାବକୁ ପଦାରେ ପକାଇଥିବା ପରିଲିକ୍ଷିତ ହେଉଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି । ଉପରୋକ୍ତ ସମସଯା ଗୁଡିକର ସମାଧାନ ଦିଗରେ ସମସ୍ତ ରାଜନୈତିକ ଦଳ ମାନଙ୍କ ସହଯୋଗ ଲୋଡ଼ାଯିବା ସହ ଆବଶ୍ୟକ ସ୍ଥଳେ ଜନ ଆନ୍ଦୋଳନରେ ପରିଣତ କରାଯିବାକୁ ବୈଠକରେ ସର୍ବ ସମ୍ମତ ନିଷ୍ପତ୍ତି ଗ୍ରହଣ କରଯାଇଛି ।ଏହି ବୈଠକରେ ନବକିଶୋର ଦାସ,ଉଦ୍ଧବ ଚରଣ ବିଶ୍ୱାଳ,ରବିନାରାୟଣ ଉପାଧ୍ୟାୟ ,ପଞ୍ଚାନନ ଶିଅଳ,ଦାମୋଦର ଦାଶ ମହାପାତ୍ର, ଗଙ୍ଗାଧର ପ।ଢ଼।, ର।ଜ।ର।ଣ। ଜେନା,ମାୟାଧର ନାୟକ, ଶରତ ଚନ୍ଦ୍ର ମହାନ୍ତି, ମନୋଜ କୁମାର ରାୟ,ଅଦୈତଯ କୁମାର କର , ରବିନ୍ଦ୍ର କୁମାର ନନ୍ଦ,ଙ୍କ ଦିବାକର ଦଳାଇ, ଅନାମ ପ୍ରସାଦ ବାରିକ, ଖଗେନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ମଞ୍ଚର ବରିଷ୍ଠ ସଦସଯ ନିତଯାନନ୍ଦ କର ସମସ୍ତଙ୍କୁ ଧନଯବାଦ ପ୍ରଦାନ କରିଥିଲେ ।

AFFIDAVIT

I, **Suhana Bano,** aged about 44 years, W/o: Iftekhar Alli Ahemmad, resident of Flat No.: 4/C1-14, Block C1, Hi Tech Heaven, Matiapada-2, Gudiapokhari, PO.: Govindpur, PS: Pipili, Dist.: Puri, Odisha-752104, declare by this Affidavit No.: 273, Dated: 17.11.2026 that my husband's name shall be known as **Iftekhar Alli Ahemmad** for all future purposes.

CHANGE OF NAME

By virtue of an affidavit before the Executive Magistrate Rasgobindpur on **30.09.2026**. I, have changed my surname from **MAJHI** to **MURMU**. Henceforth I shall be known as **Salkhu Murmu** for all purpose. **Salkhu Murmu,** S/o: Dasa Murmu, At/Po: Chakulia, PS: Rasgobindpur, Dist: Mayurbhanj, State: Odisha. **Salkhu Murmu**

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 18.11.2026 Basant Kumar Nayak S/o-Bhajakrushna Nayak Resident of At-Bhatasahi P.O- Bahadajhola P.S- Odagaon Dist- Nayagada PIN-752082 declare that I have changed my minor Daughter's name from Priyanka Nayak to Parbati Nayak Henceforth, she shall be known as Parbati Nayak for all purposes.

Sd/- Basant Kumar Nayak

25001/1623/2627 Government of Odisha

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION.BALLIGUDA.

No.6669//RWDBLG,. Date . 17.11.2026

1st Corrigendum to the Bid Identification
No. Online tender / 10/SERWD BLG / 2026-27

The tender invited vide Bid Identification No. Online tender/ 10/SERWD BLG/ 2026-27 vide T.O. Office Letter No.6441 **dt. 03.11.2026**. Due to unavoidable circumstances, the availabllity of tender online for bidding is from **26.11.2026** at **10.00A.M.** to **05.12.2026** upto **5.00P.M.** Opening Dt 07.12.2026. Instead of **14.11.2026** at **10.00AM** to **23.11.2026** up

The other terms and conditions are remained unchanged. Further details, corrigendum(s) etc can be seen from the e-procurement portal **"https:// www.tendersorissa.gov.in"**

Sd/- Superintending Engineer
R.W. Division, Balliguda

OIPR : 25001/25164/1/26-27/0013

OFFICE OF THE NOTIFIED AREA COUNCIL, KHADIAL
AT/PO- KHADIAL, District- NUAPADA, PIN-766107
E-mail- khariarn.hud@ori.nic.in, khariarnac@gmail.com
OFFICE PHONE NO. 06671-224294 M +91-8280335851

Letter No. Dated.
13001/2493/2627

ଆଗ୍ରହ ପ୍ରକାଶ ବିଜ୍ଞପ୍ତି

ଆଗ୍ରହ ପ୍ରକାଶ ବିଜ୍ଞପ୍ତି ନଂ. ୩୪୫୨ ତାରିଖ : ୧୬.୧୧.୨୦୨୬

ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠି/ବ୍ୟକ୍ତି/ଅନୁଷ୍ଠାନ ମାନଙ୍କଠାରୁ ''ଖଡ଼ିଆଳ ବିଜ୍ଞାପ

ଶ୍ରୀକ୍ଷେତ୍ର ଗଜଲକ୍ଷ୍ମୀ ମହୋତ୍ସବ ଉଦଯାପିତ

ଡ଼କ୍ଟର ତିରୁପତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ସବୁ୍ୟ): ପୁରୀର ପବିତ୍ର ବଡ଼ଦାଣ୍ଡ (ଗ୍ରାଣ୍ଡ ରୋଡ୍) ଠାରେ ଥ୍ରୀ ଷ୍ଟାର କ୍ଲବ ଦ୍ୱାରା ଆୟୋଜିତ ମାଉସୀମା ଗଜଲକ୍ଷ୍ମୀ ମହୋତ୍ସବର ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସୁନ୍ଦର ସାଂସ୍କୃତିକ ସନ୍ଧ୍ୟାରେ ପୁରୀର ଲୋକପ୍ରିୟ ସାଂସଦ ଡ଼କ୍ଟର ସମ୍ବିତ ପାତ୍ର ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ହାଇଟେକ୍ ମେଡିକାଲ କଲେଜର ପ୍ରତିଷ୍ଠାତା ଚେୟାରମେନ ଡ଼କ୍ଟର ତିରୁପତି ପାଣିଗ୍ରାହୀ , ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ ପୁରୀ ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ନାଥ ତରେଇ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଓ ମାଆ ମହାଲକ୍ଷ୍ମୀଙ୍କ ପୂଜାର ବୈଶିଷ୍ଟ୍ୟ ଆଲୋଚନା କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଡ଼କ୍ଟର ତିରୁପତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି ।

ସମ୍ଭାବ୍ୟ ବାତ୍ୟା : ନନ୍ଦନକାନନ ଦୁଇ ଦିନ ବନ୍ଦ

ବାରଙ୍ଗ ,(ସବୁ୍ୟ): ସମ୍ଭାବ୍ୟ ବାତ୍ୟାକୁ ନେଇ ସତର୍କ ହୋଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଓ ସମ୍ଭାବ୍ୟ ବାତ୍ୟା "ଅକ୍ ୱାନ'କୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଦୁଇ ଦିନ ନନ୍ଦନକାନନ ଜୈବିକ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ।ନଭେମ୍ବର ୧୯ ଓ ୨୦ ତାରିଖରେ ଉଭୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଖୋର୍ଦ୍ଧା ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବାରୁ ସମ୍ଭାବ୍ୟ ପ୍ରତିକୂଳ ପାଣିପାଗ ଓ ସୁରକ୍ଷାଜନିତ ଆଶଙ୍କାକୁ ଏଡ଼ାଇବା ପାଇଁ ଏହି ଆଗୁଆ ପଦକ୍ଷେପ ନିଆଯାଇଛି ।ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ ପକ୍ଷରୁ ନଭେମ୍ବର ୧୮ ତାରିଖରେ ଏକ ନୋଟିସ ଜାରି କରାଯାଇଛି । ଏହି ନିଷ୍ପତ୍ତି ଫଳରେ ଦୁଇ ଦିନ ପାଇଁ ପର୍ଯ୍ୟଟକଙ୍କ ଗହଳିରୁ ମୁକ୍ତ ରହିବ ଉଭୟ ଉଦ୍ୟାନ । ପାଣିପାଗର ସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷାକୁ ପ୍ରାଥମିକତା ଦେଇ କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଛନ୍ତି ।

ରେଡ୍ ମଡ୍‌ରୁ ସ୍କାଣ୍ଡିୟମ୍ ପୁନଃରୁଦ୍ଧାର ନିମନ୍ତେ

ନାଲକୋ ଏବଂ ରୁସାଲ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବୁ୍ୟ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ 'ନବରତ୍ନ' ଲୋକ ଉଦ୍ୟୋଗ 'ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ), 'ରେଡ୍ ମଡ୍'ରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ 'ସ୍କାଣ୍ଡିୟମ୍' ପୁନଃରୁଦ୍ଧାର କରିବା ନିମନ୍ତେ 'ରୁସାଲ୍' ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ବେଙ୍ଗାଲୁରୁରେ ଆୟୋଜିତ ୪୪ତମ ଆନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀ 'ଇକସୋବା ୨୦୨୬' ଅବସରରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଅରୋରା, ରୁସାଲର ବୈଷୟିକ ନିର୍ଦ୍ଦେଶକ ଭିକ୍ଟର ମାନ୍ ଏବଂ ଉଭୟ ସଂସ୍ଥାର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।



ଦେଶରେ ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱଚ୍ଛ ଶକ୍ତି ବ୍ୟବହାର ପାଇଁ ରଣନୈତିକ ଖଣିଜ ସମ୍ପଦ ସୁରକ୍ଷିତ କରିବା ଦିଗରେ ଅଧିକରୁ ଅଧିକ ପ୍ରୟାସ ଜାରି ରହିଛି । ଏହି ସହଭାଗୀତା ରେଡ୍ ମଡ୍ ରୁ ସ୍କାନଡିୟମ୍ ପୁନରୁଦ୍ଧାର ପାଇଁ ସମ୍ଭାବ୍ୟ ପଥଗୁଡ଼ିକର ଜ୍ଞାନ ଆଦାନପ୍ରଦାନ ଏବଂ ବ୍ୟବସାୟିକ ମୂଲ୍ୟାଙ୍କନକୁ ସହଜ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଉଲ୍ଲେଖଯୋଗ୍ୟ ଯେ, ରୁସାଲ ବିଶ୍ୱ ଆଲୁମିନିୟମ୍ ଶିଳ୍ପର ଏକ ଅଗ୍ରଣୀ କମ୍ପାନୀ ଏବଂ ସ୍ୱଳ୍ପ କାର୍ବନ ନିର୍ଗମନ କରୁଥିବା ବିଶ୍ୱର ଅନ୍ୟତମ ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ । ଏହି କମ୍ପାନୀ ଆଲୁମିନା ଉତ୍ପାଦନ ସମୟରେ ବାହାରୁଥିବା ରେଡ୍ ମଡ୍ ରୁ ସ୍କାନଡିୟମ୍ ପୁନରୁଦ୍ଧାର ପାଇଁ ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି, ଯାହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଏବଂ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି ହୋଇପାରିଛି ।

ନିସ୍ ଇନ୍‌ଷ୍ଟିଚ୍ୟୁଟରେ କ୍ୟାମ୍ପସ ଚୟନ



ଭୁବନେଶ୍ୱର, (ସବୁ୍ୟ) : ସ୍ଥାନୀୟ ଛତାବରା ସ୍ଥିତ ନିସ୍ ଇନ୍‌ଷ୍ଟଫିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ମେକାନିକାଲ ଓ ଇଲେକଟ୍ରିକାଲ ବିଭାଗର ବିଟେକ ଓ ଡିପ୍ଲୋମାର ଛାତ୍ର ଛାତ୍ରୀ ମାନଙ୍କ ନିମିତ୍ତ ଏକ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଗା ଚୟନ ପ୍ରକ୍ରିୟାରେ ୱିପ୍ରୋ ଇନଫ୍ରା ହିନ୍ଦୁପୁର ବାଙ୍ଗାଲୋରର ମାନବ ସମ୍ବଳ ବିଭାଗର ଅଧିକାରୀ ରବିରାଜ ଓ କୋନ୍ଦଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ନିଯୁକ୍ତି ପ୍ରଦାନ କରିଥିଲେ । ଏଥିରେ ନୀସ ଶିକ୍ଷାନୁଷ୍ଠାନ ସମେତ ଏକାଧିକ ଇଞ୍ଜିନିୟରିଂ କଲେଜ ଗୁଡିକ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ଼. ସୁଭାଷ ଚନ୍ଦ୍ର ନାୟକ, ଅଧକ୍ଷ ଡ଼. ହିମାଂଶୁ ଶେଖର ମହାରଣା, ଉପାଧକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସେନାପତି, ଟ୍ରେନିଙ୍ଗ ଆଣ୍ଡ ପ୍ଲେସମେଣ୍ଟ ବିଭାଗର ପ୍ରଫେସର ସୁନିତା ସାମନ୍ତରାୟ ଓ ଡିନ ଡ଼. ରଞ୍ଜନ କିଶୋର ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ନିସ ଇନ୍‌ଷ୍ଟଫିଚ୍ୟୁଟର ଛାତ୍ରଛାତ୍ରୀ ମାନେ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଅନେକ ଜାତୀୟ, ଆନ୍ତର୍ଜାତୀୟ କମ୍ପାନୀ ମାନଙ୍କରେ ନିଯୁକ୍ତି ପାଇ ସଫଳତାର ସହ କାର୍ଯ୍ୟ କରି ଆସୁଛନ୍ତି ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି ।

୮ ଜିଲ୍ଲା ଲାଗି ୭ ଆଇଏଏସଙ୍କୁ ଦାୟିତ୍ୱ

ଭୁବନେଶ୍ୱର(ସବୁ୍ୟ): ବାତ୍ୟା ଅକୱାନଙ୍କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଜୋରଦାର କରିଛନ୍ତି । ଅଧିକ ପ୍ରଭାବିତ ହେବାକୁଥିବା ୮ ଜିଲ୍ଲା ଲାଗି ୭ ଆଇଏଏସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ଅଧିକାରୀମାନେ ପୂର୍ବରୁ ସେହି ଜିଲ୍ଲାରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏମାନେ ତୁରନ୍ତ ଜିଲ୍ଲାଗସ୍ତ କରି ବାତ୍ୟା ମୁକାବିଲା ପ୍ରସ୍ତୁତି ଓ ଜରୁରୀକାଳୀନ ବ୍ୟବସ୍ଥାର ସମୀକ୍ଷା କରିବେ । ପୁରା ଜିଲ୍ଲା ଲାଗି ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଜଗତସିଂହପୁର ଜିଲ୍ଲା ଲାଗି ଜିଏସଟି କମିଶନର ଜାମିନ ଖଡଙ୍ଗୀ, ଗଜପତି ଜିଲ୍ଲା ଲାଗି ମାନସୀ ନିର୍ଭାଲ ଓ କେନ୍ଦ୍ରାପଡା ଜିଲ୍ଲା ଲାଗି ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି କନ୍ଧମାଳ ଜିଲ୍ଲା ଲାଗି ଭୂପିନ୍ଦର ସିଂ ପୁନିଆ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ଲାଗି କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଗଞ୍ଜାମ ଜିଲ୍ଲା ଲାଗି ବିଜୟ ଅମୃତେ କୁଲାଙ୍ଗେଙ୍କୁ ଦାୟିତ୍ୱ ଦିଆଯାଇଛି । ଦାୟିତ୍ୱପ୍ରାପ୍ତ ଅଧିକାରୀମାନେ ଜିଲ୍ଲାରେ ପହଞ୍ଚି ବାତ୍ୟା ପୂର୍ବ ପ୍ରସ୍ତୁତି, ଜନସାଧାରଣଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ସହ ଅନ୍ୟାନ୍ୟ ଜରୁରୀକାଳୀନ ବ୍ୟବସ୍ଥାରେ ସମୀକ୍ଷା କରିବେ । ସେହିଭଳି ବାତ୍ୟା ମୁକାବିଲାର ସୁପରିଚାଳନା ପାଇଁ ରାଜ୍ୟ ଜରୁରୀକାଳୀନ ଅପରେସନ ସେଣ୍ଟରରେ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଅଧିକାରୀମାନେ ରୋଷ୍ଟର ଡ୍ୟୁଟି କରିବେ । ସେମାନେ ହେଉଛନ୍ତି ଦେଓ ରଞ୍ଜନ ସିଂ, ଅରବିନ କୁମାର ପାଢ଼ୀ, ହେମନ୍ତ ଶର୍ମା, ବିଶାଳ କୁମାର ଦେବ, ଉଷା ପାଢ଼ୀ, ଚିତ୍ରା ଅରୁମଗମ ସଞ୍ଜୟ କୁମାର ସିଂ, ସଞ୍ଜୀପ କୁମାର ମିଶ୍ର, ସୁରେଶ କୁମାର ବଶିଷ୍ଠ, ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ସିପୁବାରୀ କାର୍ଯ୍ୟ କରିବେ ।

ଆଇଏଫ୍‌ଏଫ୍‌ଆଇ)ର ବୃହତ୍ ପ୍ରିମିୟର ପାଇଁ ଚୟନ ହୋଇଛି ଓଡ଼ିଶାର 'ବାଘୁଣୀ'

ଭୁବନେଶ୍ୱର, (ସବୁ୍ୟ): ଓଡ଼ିଶା ଏବଂ ଭାରତୀୟ ସିନେମା ପାଇଁ ଗର୍ବ ଆଣିଥିବା ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ନିହିତ ଏକ ଫିଚର ଫିଲ୍ମ 'ବାଘୁଣୀ' (ଏକ ବାଘ ଭଳି ନୃତ୍ୟ) ୨୦ ରୁ ୨୮ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଗୋଆରେ ହେବାକୁ ଥିବା ୫୭ ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ) ରେ ଏକ ସମ୍ମାନଜନକ ବଡ ପ୍ରିମିୟର ପାଇଁ ମନୋନୀତ ହୋଇଛି। ଏହି ଚଳଚ୍ଚିତ୍ର ହେଉଛି ଏକମାତ୍ର ଓଡ଼ିଆ ପ୍ରଯୋଜନା ଯାହା ଚଳିତ ବର୍ଷର ଚୟନରେ ସ୍ଥାନ ପାଇଛି, ଯାହା ଓଡ଼ିଆ ଚଳଚ୍ଚିତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ଚିହ୍ନିତ କରେ । ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ, ବାଘୁଣୀ (ଏକ ବାଘ ଭଳି ନୃତ୍ୟ) ହେଉଛି ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନ୍‌ଏଫଡିସି), ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାର, ଗ୍ଲୋକାଲ୍ ଫିଲ୍ମସ୍ ୟୁ କେ. ଲିମିଟେଡ୍ (ୟୁ କେ.) ଓଡିଶା



ଜନ୍ମିତ ୟୁ କେ. ଭିତ୍ତିକ ନିର୍ମାତା ପାର୍ଥ ପଣ୍ଡା ଏବଂ ଜିତେନ୍ଦ୍ର ମିଶ୍ର (ଭାରତ)ଙ୍କ ସିନେମା ଗୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପ୍ରତିଷ୍ଠିତ ଏକ ବହୁରାଷ୍ଟ୍ରୀୟ ସହ-ପ୍ରଯୋଜନା। ଏହି ଚଳଚ୍ଚିତ୍ରରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଅନ୍ୟତମ ପ୍ରସିଦ୍ଧ ଅଭିନେତା ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି । ଶ୍ରୀ ପାର୍ଥ ପଣ୍ଡା , ଗ୍ଲୋକାଲ୍ ଫିଲ୍ମସ୍ ୟୁକେର ସହ-ନିର୍ମାତା କହିଛନ୍ତି, "ମୋ ପାଇଁ, ବାଘୁଣୀ ଉଭୟ ଓଡ଼ିଶାରେ ମୋର ମୂଳ ଏବଂ ବ୍ରିଟେନର ଲଣ୍ଡନରେ ଥିବା ମୋ ଘର ମାଧ୍ୟମରେ ବିଶ୍ୱ ପାଇଁ ଏକ ସେତୁ ଭଳି । ଗୋଆରେ ୫୭ ତମ ଆଇଏଫ୍‌ଏଫ୍‌ଆଇ ରେ ଏହାର ବିଶ୍ୱ ପ୍ରିମିୟର ଏକ ଗଭୀର ଗର୍ବର ମୁହୂର୍ତ୍ତ।

ମାଇଲ୍ ଫାଉଣ୍ଡେସନ୍ ଓ ଆଶୀର୍ବାଦ ବାଏ ଆଲିଆକ୍ସିସ୍ ପକ୍ଷରୁ ପ୍ଲମ୍ବରଙ୍କୁ ତାଲିମ

ଭୁବନେଶ୍ୱର (ସବୁ୍ୟ): ସ୍ମାଇଲ୍ ଫାଉଣ୍ଡେସନ୍ ଓ ଆଶୀର୍ବାଦ ବାଏ ଆଲିଆକ୍ସିସ୍‌ର ମିଳିତ ସହଯୋଗରେ ପରିଚାଳିତ 'ପ୍ଲମ୍ବର ସାଥୀ' କାର୍ଯ୍ୟକ୍ରମ ଅଧୀନରେ ଅଗଷ୍ଟ ୨୦୨୫ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ୪୨୨ଟି ପ୍ରାୟୋଗିକ ତାଲିମ ଅଧିବେଶନ ମାଧ୍ୟମରେ ୧୦,୭୮୮ ଜଣ ପ୍ଲମ୍ବରଙ୍କୁ ତାଲିମ ପ୍ରଦାନ କରାଯାଇଛି। ମାଗଣା, ବ୍ୟବହାରିକ ଓ ଶିଳ୍ପ ଆବଶ୍ୟକତା ଅନୁରୂପ ତାଲିମ ମାଧ୍ୟମରେ ପ୍ଲମ୍ବିଂ ବୃତ୍ତିଜୀବୀଙ୍କ ଦକ୍ଷତା ଓ ଜୀବିକାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହାର ପରବର୍ତ୍ତୀ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ, ସର୍ଭେରେ ସାମିଲ ହୋଇଥିବା ୧୦୦% ଅଂଶଗ୍ରହଣକାରୀ ନିଜ ବୈଷୟିକ ଦକ୍ଷତାରେ ଉନ୍ନତି ଘଟିଥିବା ରିପୋର୍ଟ କରିଥିବାବେଳେ ୬୦% ନିଜ ଆୟ, ଲାଭ କିମ୍ବା ସେବା ଶୁଳ୍କରେ ବୃଦ୍ଧି ଘଟିଥିବା ଜଣାଇଛନ୍ତି।

ଝାଡ଼ଖଣ୍ଡର ରାଞ୍ଚି ଜିଲ୍ଲା ତାଡିସିଲୱାଇ ଗ୍ରାମର ରାକେଶ ମାହତୋଙ୍କ ପରି ପ୍ଲମ୍ବରଙ୍କ ଜୀବନରେ ଏହି କାର୍ଯ୍ୟକ୍ରମ ନୂତନ ଆୟର ସୁଯୋଗ ସୃଷ୍ଟି କରିଛି। ପ୍ଲମ୍ବିଂ କୌଶଳ, ଫିଟିଂ, ସୁରକ୍ଷା ଏବଂ ରୋଜଗାର ସୁଯୋଗ ସମ୍ପର୍କିତ ଜ୍ଞାନକୁ ସୁଦୃଢ଼ କରିବା ପରେ ରାକେଶ ନିଜ ଅଞ୍ଚଳରେ ପାଇପ୍ ସଂସ୍ଥାପନ, ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଗ୍ରହଣ କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ମାସିକ ପ୍ରାୟ ୨୦,୦୦୦ ଟଙ୍କା ଆୟ କରୁଥିବା ଜଣାଇଛନ୍ତି। ଏହାଦ୍ୱାରା ସେ ନିଜ ପିତାମାତା, ପତ୍ନୀ ଓ ଦୁଇ ସନ୍ତାନଙ୍କ ଭରଣପୋଷଣ କରିବାରେ ସକ୍ଷମ ହୋଇଛନ୍ତି। ରାକେଶଙ୍କ ଅନୁଭୂତି ଝାଡ଼ଖଣ୍ଡ ଓ ଓଡ଼ିଶାର କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅନ୍ୟ ପ୍ରଶିକ୍ଷାର୍ଥୀଙ୍କ ଅଭିଜ୍ଞତାକୁ ମଧ୍ୟ ପ୍ରତିଫଳିତ କରୁଛି।



'ପ୍ଲମ୍ବର ସାଥୀ' କାର୍ଯ୍ୟକ୍ରମ ଭାରତର ପ୍ଲମ୍ବିଂ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଏହାର ମେରୁଦଣ୍ଡ ସାଜିଥିବା ବୃତ୍ତିଜୀବୀଙ୍କ ଦକ୍ଷତା ବିକାଶ ଦିଗରେ ଆଶୀର୍ବାଦ ବାଏ ଆଲିଆକ୍ସିସ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ମୋବାଇଲ୍ ତାଲିମ ଭ୍ୟାନ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପ୍ଲମ୍ବରମାନଙ୍କ ନିକଟରେ ସିଧାସଳଖ ବ୍ୟବହାରିକ ତାଲିମ ପହଞ୍ଚାଉଛି । ଏହି ପଦକ୍ଷେପ ସମ୍ପର୍କରେ ସ୍ମାଇଲ୍ ଫାଉଣ୍ଡେସନ୍‌ର ସହ-ପ୍ରତିଷ୍ଠାତା ସାନ୍ତନୁ ମିଶ୍ର କହିଛନ୍ତି, "ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ପାଇଁ ସମାଜର ନିକଟରେ ଗୁଣାତ୍ମକ ଦକ୍ଷତା ବିକାଶ ତାଲିମ ପହଞ୍ଚାଇବା ଅତ୍ୟନ୍ତ ଜରୁରୀ। 'ପ୍ଲମ୍ବର ସାଥୀ' କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ପ୍ଲମ୍ବିଂ ବୃତ୍ତିଜୀବୀଙ୍କୁ ବ୍ୟବହାରିକ ଓ ଶିଳ୍ପ ଆବଶ୍ୟକତା ଅନୁରୂପ ଦକ୍ଷତା ହାସଲ କରିବାରେ ସହାୟତା କରୁଛୁ, ଯାହା ସେମାନଙ୍କ ନିଯୁକ୍ତି ସୁଯୋଗ ଓ ଆୟ କ୍ଷମତା ବୃଦ୍ଧି କରିପାରିବ।

ସମ୍ଭାବ୍ୟ ବାତ୍ୟା "ଅକ୍ ୱାନ' ମୁକାବିଲା ପାଇଁ

ସମସ୍ତ ଜିଲ୍ଲାକୁ ସତର୍କ ଓ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, (ସବୁ୍ୟ) : ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା "ଅକ୍ ୱାନ'କୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଆଗୁଆ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିସ୍ଥିତି ସମୟରେ ଯେପରି ସ୍ୱାସ୍ଥ୍ୟସେବା ବ୍ୟାହତ ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଏସ.ଏନ. ଗିରିଶ ଜିଲ୍ଲା ଓ ବ୍ଲକ ସ୍ତରରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରସ୍ତୁତିକୁ ସୁଦୃଢ଼ କରିବା ସହ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ ନୋଡାଲ ଅଧିକାରୀ ନିଯୁକ୍ତ କରିବା ଏବଂ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଆବଶ୍ୟକ କର୍ମଚାରୀ ଓ ଯୋଗାଯୋଗ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିସ୍ଥିତି ସମୟରେ ଯେପରି ସ୍ୱାସ୍ଥ୍ୟସେବା ବ୍ୟାହତ ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଏସ.ଏନ. ଗିରିଶ ଜିଲ୍ଲା ଓ ବ୍ଲକ ସ୍ତରରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରସ୍ତୁତିକୁ ସୁଦୃଢ଼ କରିବା ସହ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବାତ୍ୟାପ୍ରବଣ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ନିରାପଦ ସ୍ଥାନ କିମ୍ବା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି । ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବାର ସମ୍ଭାବନା ଥିବାରୁ ପ୍ରଭାବିତ ଜିଲ୍

ଆମେରିକୀୟ ଏୟାରବେସ୍ ଉପରେ ଇରାନର ହମ୍‌ଲା

● ମାତ୍ର ୪୬ ଲକ୍ଷ ଟଙ୍କାର ଡ୍ରୋନରେ ୯ ହଜାର କୋଟିର 'ପ୍ୟାଟ୍ରିୟଟ୍' ସିଷ୍ଟମକୁ ଟାର୍ଗେଟ୍

କୁଏତ୍ ସିଟି/ତେହେରାନ୍ : ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ କ୍ରମଶଃ ଭୟଙ୍କର ରୂପ ଧାରଣ କରୁଥିବା ବେଳେ ଇରାନୀ ସେନା କୁଏତ୍ ସ୍ଥିତ "ଅଲି ଅଲ୍ ସଲେମ୍" ଏୟାରବେସରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଛି। ଏହି ସାମରିକ ଘାଟିରେ ଥିବା ଆମେରିକାର ଅତ୍ୟାଧୁନିକ 'ପ୍ୟାଟ୍ରିୟଟ୍ ଏୟାର ଡିଫେନ୍ସ ସିଷ୍ଟମ୍' ଏବଂ କ୍ଷେପଣାସ୍ତ୍ର ଲଞ୍ଚ ପ୍ଲାଟଫର୍ମକୁ ଟାର୍ଗେଟ୍ କରାଯାଇଥିବା ଇରାନ ସେନା ପକ୍ଷରୁ ଦାବି କରାଯାଇଛି। ସୂଚନା ଅନୁଯାୟୀ, ପଶ୍ଚିମ ଏସିଆରେ ଆମେରିକାୟ ସୈନ୍ୟ ପରିବହନ ଏବଂ ଲଜିଷ୍ଟିକ୍



ରଣନୀତିର ପ୍ରମୁଖ କେନ୍ଦ୍ର କୁହାଯାଉଥିବା ଅଲି ଅଲ୍ ସଲେମ୍ ଏୟାରବେସକୁ ଧ୍ୱଂସ କରିବା ପାଇଁ ଇରାନ ନିଜର ଲଢୁଆ ଓ ଆତ୍ମଘାତୀ ଡ୍ରୋନ୍ ବ୍ୟବହାର କରିଥିଲା। ଏହି ଆକ୍ରମଣର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗଟି ହେଉଛି ଏହାର ଆର୍ଥିକ ତୁଳନା। ଇରାନ ସାଧାରଣତଃ ଯେଉଁ ଆତ୍ମଘାତୀ ଡ୍ରୋନ୍ ବ୍ୟବହାର କରେ, ତାହାର ମୂଲ୍ୟ ପ୍ରାୟ ୪୦,୦୦୦ ରୁ ୫୦,୦୦୦ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୬ ଲକ୍ଷରୁ ୪୭ ଲକ୍ଷ ଟଙ୍କା)। ଅପରପକ୍ଷରେ, ଆମେରିକାର ଗୋଟିଏ ପ୍ୟାଟ୍ରିୟଟ୍ ଏୟାର ଡିଫେନ୍ସ ବ୍ୟାଟେରୀର ମୂଲ୍ୟ ପ୍ରାୟ ୧.୧ ବିଲିୟନ ଡଲାର ଅର୍ଥାତ୍ ୯,୦୦୦ କୋଟି ଟଙ୍କାରୁ ଅଧିକ। ଅତି ସାମାନ୍ୟ ମୂଲ୍ୟର ଡ୍ରୋନ୍ ଜରିଆରେ କୋଟିକୋଟି ଟଙ୍କାର ଏହି ପ୍ରତିରକ୍ଷା ବ୍ୟବସ୍ଥାକୁ ଟାର୍ଗେଟ୍ କରାଯିବା ସାମରିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।ଅନ୍ୟପକ୍ଷରେ, ଏହି ଆକ୍ରମଣକୁ କୁଏତ୍ ସରକାର ଅତ୍ୟନ୍ତ କଡ଼ା ଭାଷାରେ ନିନ୍ଦା କରିଛନ୍ତି। କୁଏତ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ ଆମେରିକୀୟ ଘାଟିର ନାମ ସିଧାସଳଖ ଉଲ୍ଲେଖ କରାଯାଇ ନଥିଲେ ମଧ୍ୟ, ଏହାକୁ ଦେଶର ସାର୍ବଭୌମତ୍ୱ ଏବଂ ସୁରକ୍ଷା ପ୍ରତି ସିଧାସଳଖ ଆକ୍ରମଣ ବୋଲି କୁହାଯାଇଛି। ଏହା ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘ ଚାର୍ଟରର ଏକ ଗମ୍ଭୀର ଉଲ୍ଲଙ୍ଘନ ବୋଲି କୁଏତ୍ ସ୍ପଷ୍ଟ କରିଛି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଏହି ତିକ୍ତତାକୁ କମ କରିବା ପାଇଁ କୁଏତ୍ ପୂର୍ବରୁ ମଧ୍ୟସ୍ଥତା କରୁଥିବା ବେଳେ ବର୍ତ୍ତମାନ ଏଭଳି ଆକ୍ରମଣର ଶିକାର ହେବା ଦେଶର ସ୍ଥିରତା ପାଇଁ ଏକ ବଡ଼ ଚିନ୍ତାର କାରଣ ହୋଇଛି।

ଡିପଫେକ୍ ଫଟୋ ନେଇ ହଇଚଇ

ୱାଶିଂଟନ : ଅନଲାଇନ୍ ଯୌନ ଉତ୍ପୀଡ଼ନ ଏବଂ ସହମତି ବିନା ଅଶ୍ଳୀଳ ଚିତ୍ର ବିଷୟବସ୍ତୁ ବା ଡିପଫେକ୍ ପ୍ରସଙ୍ଗ ପୁଣି ଥରେ ଆମେରିକାରେ ଶିରୋନାମରେ ରହିଛି। ମଡେଲ୍ ଏବଂ ରିଆଲିଟି ଟିଭି ଷ୍ଟାର ପ୍ୟାରିସ୍ ହିଲଟନ ଏକ ବଡ଼ ଖୁଲାସା କରି ଦାବି କରିଛନ୍ତି ଯେ, ଆମେରିକା କଂଗ୍ରେସର ୧୫୬ ମହିଳା ସଦସ୍ୟଙ୍କ ମଧ୍ୟରୁ ୮୩ ଜଣଙ୍କ ଅଶ୍ଳୀଳ ଡିପଫେକ୍ ଚିତ୍ର ବର୍ତ୍ତମାନ ଅନଲାଇନରେ ଉପଲବ୍ଧ ହେଉଛି। ହିଲଟନ ଗଣମାଧ୍ୟମ ସିଏନଏନର କାର୍ଯ୍ୟକ୍ରମ 'ଦି ଲିଡ୍'ରେ ଆଙ୍କର ଜେକ୍ ଟାପରଙ୍କ ସହ ଆଲୋଚନା ସମୟରେ ଏହାର ଖୁଲାସା କରିଛନ୍ତି। ହିଲଟନ ଡେଫିଆନ୍ସ ଆକ୍ଟ ପାସ୍ କରିବା ପାଇଁ ଆମେରିକାର ପ୍ରତିନିଧି ସଭାରେ ଲବି କରୁଛନ୍ତି। ଏହି ବିଲ୍ ଲକ୍ଷ୍ୟ ହେଉଛି ଅନଲାଇନରେ ସହମତି ବିନା ଯୌନ ଚିତ୍ର ଏବଂ ଡିପଫେକ୍ ବିଷୟବସ୍ତୁ ସୃଷ୍ଟି ଏବଂ ସେୟାରିଂକୁ ରୋକିବା। ଏହି ପ୍ରସ୍ତାବିତ ସଂଘୀୟ ବିଲ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କିମ୍ବା ଅନ୍ୟ କୌଣସି



ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିନା ଅନୁମତିରେ ତିଆରି କରାଯାଉଥିବା ଅଶ୍ଳୀଳ ଡିପଫେକ୍ ଫଟୋ ଏବଂ ଭିଡିଓ ବିରୋଧରେ ପାଡ଼ିତମାନଙ୍କୁ ଆଇନଗତ ସୁରକ୍ଷା ଦେବା ସହ ଡିପଫେକ୍ ସୃଷ୍ଟି ଏବଂ ସେୟାର କରୁଥିବା ଲୋକଙ୍କ ବିରୋଧରେ ମାମଲା ରୁଜୁ କରିବା ଏବଂ କ୍ଷତିପୂରଣ ଦାବି କରିବାର ଅଧିକାର ଦେବ।ହିଲଟନ କହିଛନ୍ତି ଯେ, ସେ ଆଶା କରୁଛନ୍ତି ଯେ ଜାନୁଆରିରେ ଡେମୋକ୍ରାଟିକ୍ ସଂଖ୍ୟାଗରିଷ୍ଠତା କଂଗ୍ରେସକୁ ଦଖଲ କରିବା ପୂର୍ବରୁ ଚଳିତ ଅଧିବେଶନରେ ଏହି ବିଲ୍ ପାସ୍ ହୋଇଯିବ। ଏହି ବିଲ୍ ପୂର୍ବରୁ ଆମେରିକାର ସିନେଟରେ ପାସ୍ ହୋଇସାରିଛି।

ସିଜେଆଇଙ୍କୁ ଅସମ୍ମାନ ମାମଲା

ଆଇନଜୀବିଙ୍କୁ ଅଦାଲତ ଅବମାନନା ନୋଟିସ୍

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ପକ୍ଷରୁ ଆଇନଜୀବୀ ପରବିନ ସିଙ୍ଗଲଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ ଦିଆଯାଇଛି। ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବିରୋଧରେ ଗତ ୧୬ ତାରିଖରେ ଅପମାନ ସୂଚକ ମନ୍ତବ୍ୟ ଦେଇଥିବାରୁ ସୁପ୍ରିମକୋର୍ଟ ବାର ଆସୋସିଏସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ଦିଆଯାଇଥିଲା। ଜଷ୍ଟିସ ଦୀପଙ୍କର ଦତ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନା କହିଛନ୍ତି ଯେ, ଅଦାଳତ ଅବମାନନା ଲାଗି ତାଙ୍କ ବିରୋଧରେ ପ୍ରମାଣ ରହିଛି। ସମ୍ପୃକ୍ତ ଆଇନଜୀବୀଙ୍କୁ ଜାନୁଆରୀ ୮ ସୁଦ୍ଧା ଜବାବ ଦେବାକୁ କୁହାଯାଇଛି। ଏହାଛଡା ପରବର୍ତ୍ତୀ ଶୁଣାଣିରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ଅନୁଯାୟୀ ଗତ ୧୬ ତାରିଖରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଥିବା ଖଣ୍ଡପୀଠ ସମୁଖରେ ସମ୍ପୃକ୍ତ ଆଇନଜୀବୀ ଏକ ମାମଲାର ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ବିଚାର ବିଭାଗ ବ୍ୟବସ୍ଥାରେ ଦୁର୍ନୀତି ନେଇ ଏଥିରେ ଆପତ୍ତି କରାଯାଇଥିଲା। ଆଇନଜୀବୀ ସିଙ୍ଗଲ କୋର୍ଟକୁ କହିଥିଲେ ଯେ, ଗତ ୨ ତାରିଖରୁ ସେ ଯାଚିକା ଦାଖଲ କଲେଣି। ମାତ୍ର ଏପର୍ଯ୍ୟନ୍ତ କୌଣସି ଜବାବ ମିଳି ନାହିଁ। ତେବେ ପ୍ରଧାନବିଚାରପତି ସମ୍ପୃକ୍ତ ଆଇନଜୀବୀଙ୍କୁ କହିଥିଲେ।



ତେବେ ଆଇନଜୀବୀ ସିଙ୍ଗଲ ଏଥିରେ ଉକ୍ଷିପ୍ତ ହୋଇ ସିଜେଆଇଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ଆପଣ ଏହି ଆସନରେ ବସି ପାରିବେ ନାହିଁ। ଏହି ଆସନରେ ବସିବାର ଅଧିକାର ନାହିଁ। କାରଣ ଆପଣ ସଜଟତାଙ୍କ ବିଷୟରେ ଆମେ ଜାଣିନାହୁଁ। ତେବେ ଏହି ଘଟଣା ପରେ ସୁପ୍ରିମକୋର୍ଟ ବାର ଆସୋସିଏସନ୍ ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟ ରମଣୀଙ୍କୁ ଅବଗତ କରାଯାଇ ଫୌଜଦାରୀ ଅବମାନନା ଆରମ୍ଭ କରିବାକୁ କୁହାଯାଇଥିଲା। ଗତ ୧୭ ତାରିଖରେ ସୁପ୍ରିମକୋର୍ଟ ବାର ଆସୋସିଏସନ ସମ୍ପାଦକ ପ୍ରୟାଗ ବାଗଲେ ଏହା ଲେଖିଥିଲେ। ଭେଙ୍କଟରମଣୀ କହିଥିଲେ ଯେ, ସିଙ୍ଗଲଙ୍କ ଏହି ଅକ୍ଷମଣୀୟ । ତାଙ୍କ ବିରୋଧରେ ଅପରାଧିକ ଅବମାନନା ମାମଲା ଏହା ଏକ ଫିଟ୍ କେସ।

୨୫ ବର୍ଷ ପରେ ମଧ୍ୟପ୍ରଦେଶରେ ବଦଳିଲା ନିୟମ

୩ ସନ୍ତାନ ଥିଲେ ବି ମିଳିବ ସରକାରୀ ଚାକିରି

ଭୋପାଳ : ମଧ୍ୟପ୍ରଦେଶର ମନ୍ଦସୌର ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ ବୈଠକରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କ୍ୟାବିନେଟର ନିଷ୍ପତ୍ତି ଘୋଷଣା କରି କହିଥିଲେ ଯେ, ରାଜ୍ୟରେ ସରକାରୀ ଚାକିରି ପାଇଁ ଦୁଇ ସନ୍ତାନ ସୀମା ଉଚ୍ଛେଦ କରାଯାଇଛି। ତିନୋଟି ସନ୍ତାନ ଥିବା ପିତାମାତା ମଧ୍ୟ ମଧ୍ୟପ୍ରଦେଶରେ ସରକାରୀ ଚାକିରି ପାଇପାରିବେ। ଦୁଇ ସନ୍ତାନର ସୀମା ୨୦୦୧ ମସିହାରେ ଦିଗବିଜୟ ସିଂହଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଦ୍ୱାରା ଲାଗୁ କରାଯାଇଥିଲା। କିନ୍ତୁ ୨୫ ବର୍ଷ ପରେ ମୋହନ ଯାଦବଙ୍କ ସରକାର ଏହି ନିୟମକୁ ଉଚ୍ଛେଦ କରିଛନ୍ତି। ଯେତେବେଳେ ମଧ୍ୟପ୍ରଦେଶରେ କଂଗ୍ରେସ ସରକାର କ୍ଷମତାରେ ଥିଲା ଏବଂ ଦିଗବିଜୟ ସିଂହ ମୁଖ୍ୟମନ୍ତ୍ରୀ ଥିଲେ ସେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦୁଇ ସନ୍ତାନ ନିୟମ ପ୍ରଣୟନ କରିଥିଲେ।ପରବର୍ତ୍ତୀ ସମୟରେ ତୃତୀୟ ସନ୍ତାନ ଥିବା କର୍ମଚାରୀମାନଙ୍କୁ ନିଯୁକ୍ତି ପାଇଁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ନିୟମ ନୂତନ ନିଯୁକ୍ତି ପାଇଁ ମଧ୍ୟ ଲାଗୁ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବେ ଏହି ନିୟମରେ ପରିବର୍ତ୍ତନ କରିଛନ୍ତି। ତୃତୀୟ ସନ୍ତାନ ପାଇଁ କୌଣସି କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯିବ ନାହିଁ। ଏହା ସହିତ ଏବେ ତିନୋଟି ସନ ସନ୍ତାନ ଥିବା ପିତାମାତା ମଧ୍ୟ ସରକାରୀ ଚାକିରି ପାଇଁ ଆବେଦନ କରିପାରିବେ।

ହୁତି ବିଦ୍ରୋହୀଙ୍କ ୬୦ଟି ସାମରିକ ଘାଟି ମାଟିରେ ମିଶିଲା

ରିୟାଦ: ୟେମେନରେ ସକ୍ରିୟ ହୁତି ବିଦ୍ରୋହୀଙ୍କ ଅଣ୍ଟା ଭାଙ୍ଗିବାକୁ ସାଉଦି ଆରବ ନେତୃତ୍ୱାଧୀନ ସାମରିକ ମେଣ୍ଟ ବୁଧବାର ଦେଶର ପଶ୍ଚିମାଞ୍ଚଳରେ ଭୟଙ୍କର ବିମାନ ଆକ୍ରମଣ କରିଛି। ଏହି ସାମରିକ ଅଭିଯାନରେ ବିଦ୍ରୋହୀ ଗୋଷ୍ଠୀର ୬୦ଟି ପ୍ରମୁଖ ସାମରିକ ଠିକଣାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଥିବା ମେଣ୍ଟ ପକ୍ଷରୁ ଦାବି କରାଯାଇଛି। ହୁତି ବିଦ୍ରୋହୀଙ୍କ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଡ୍ରୋନ୍ ନେଟୱର୍କ ଏବଂ ଲୋହିତ ସାଗର ଅଞ୍ଚଳରେ ସୃଷ୍ଟି ହେଉଥିବା ସାମୁଦ୍ରିକ ବିପଦକୁ ପ୍ରତିହତ କରିବା ପାଇଁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି।ମେଣ୍ଟର ସାମରିକ ମୁଖପାତ୍ର ତୁର୍କୀ ଅଲ୍ ମାଲିକି ସୂଚନା ଦେଇଛନ୍ତି ଯେ, ରାଜଧାନୀ ସାନା, ଉପକୂଳବର୍ତ୍ତୀ ହୋଦେଇଦା, ଉତ୍ତରାଞ୍ଚଳର ଅମରାନ୍ ଏବଂ ସାଉଦି ସୀମାକୁ ଲାଗି ରହିଥିବା ସାଦା ପ୍ରଦେଶରେ ଏହି ଟାର୍ଗେଟେଡ୍ ଆକ୍ରମଣ କରାଯାଇଛି। ରିୟାଦ ସମର୍ଥିତ ବାହିନୀ ମୁତାବକ, ପାର୍ବତ୍ୟ ଅଞ୍ଚଳରେ କ୍ଷେପଣାସ୍ତ୍ର ଲୁଚାଇ ରଖିବା ପାଇଁ ତିଆରି ହୋଇଥିବା ଗୁପ୍ତ ଭୂତଳ ସୁଡ଼ଙ୍ଗ ଏବଂ ଡ୍ରୋନ୍ ନିର୍ମାଣ କାରଖାନାଗୁଡ଼ିକୁ ବୋମାମାଡ଼ କରି ଉଡ଼ାଇ ଦିଆଯାଇଛି। ଅନ୍ୟପକ୍ଷରେ,



ଏହି ଆକ୍ରମଣର ଗୋଟିଏ ଦିନ ପୂର୍ବରୁ ହୋଦେଇଦା ପ୍ରଦେଶର ଏକ ସ୍ୱଞ୍ଜା କାରଖାନା ଉପରେ ବୋମାମାଡ଼ ହୋଇଥିବା ହୁତି ପ୍ରଶାସନ ଅଭିଯୋଗ କରିଥିଲା। ବିଦ୍ରୋହୀ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ଅନିସ୍ ଅଲ୍ ଅସବାହିଙ୍କ କହିବା ଅନୁଯାୟୀ, ଉକ୍ତ ଘଟଣାରେ ସାମ୍ବାଦିକ ଓ ଡାକ୍ତରୀ କର୍ମଚାରୀଙ୍କ ସମେତ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୧୩ ଜଣ ଗୁରୁତର ଆହତ ହୋଇଥିଲେ। ଏହା ପୂର୍ବରୁ ମଧ୍ୟ ସାନା, ହୋଦେଇଦା ଓ ସାଦାରେ ହୋଇଥିବା ବିମାନ ଆକ୍ରମଣରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୯ ଜଣ ଆହତ ହୋଇଥିଲେ। ତେବେ ବୁଧବାର ହୋଇଥିବା ଏହି ସଦ୍ୟତମ ଆକ୍ରମଣରେ କେତେ ଜଣ ମୃତାହତ ହୋଇଛନ୍ତି, ସେନେଇ ହୁତି ଗୋଷ୍ଠୀ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ବନ୍ଦେ ଭାରତରେ ଫସିଗଲେ ୧୨ ଜଣ

କାନପୁର : ସାମ୍ନାକୁ ଆସିଛି ଅତ୍ୟନ୍ତ ରୋଚକ ଘଟଣା। ନିଜ ନିଜ ସମ୍ପର୍କୀୟମାନଙ୍କୁ ଟ୍ରେନରେ ଛାଡ଼ିବାକୁ ଆସି ବନ୍ଦେ ଭାରତ ଏକ୍ସପ୍ରେସରେ ଫସି ଫାଇନ ଗଣିଛନ୍ତି ୧୨ ଜଣ ଲୋକ। ଏମାନେ ଉତ୍ତର ପ୍ରଦେଶର କାନପୁର କେନ୍ଦ୍ରୀୟ ରେଳ ଷ୍ଟେସନରେ ନିଜ ନିଜ ସମ୍ପର୍କୀୟମାନଙ୍କୁ ଛାଡ଼ିବାକୁ ଆସିଥିଲେ।ସମ୍ପର୍କୀୟମାନଙ୍କ ଜିନିଷପତ୍ର ଟ୍ରେନ ଭିତରେ ରଖିଥିବା ବେଳେ ହଠାତ୍ ଆପେଆପେ ବନ୍ଦ ହୋଇଯାଇଥିଲା ବନ୍ଦେ ଭାରତର ଏକ୍ସପ୍ରେସର ଦ୍ୱାର। ଏଥିପାଇଁ ସେମାନେ ଟ୍ରେନରେ ବାଧ ହୋଇ କାନପୁରରୁ ୧୪୦ କିମି ଦୂର ଇଟାୱା ଜଙ୍କସନ ଯାଏ ଯାଇଥିଲେ ଓ ସେଠାରେ ୩୬ ହଜାର ଟଙ୍କା ଫାଇନ ଦେବା ପରେ ମୁକ୍ତି ପାଇଥିଲେ।ପୂରା ଘଟଣା ଟ୍ରେନ ନମ୍ବର ୨୨୪୧୫ ବାରାଣସୀ-ନୂଆଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସରେ ଘଟିଛି। କାନପୁରରୁ ବିଭିନ୍ନ ସ୍ଥାନରୁ ୧୨ ଜଣ ଲୋକ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଷ୍ଟେସନରେ ବିଦାୟ ଜଣାଇବାକୁ ଆସିଥିଲେ। ଟ୍ରେନ ଛାଡ଼ିବା ପୂର୍ବରୁ ସେମାନେ ଭିତରକୁ ଯାଇ ପରିବାର ଲୋକଙ୍କ ଜିନିଷପତ୍ର ରଖାରଖି କରିଥିଲେ। ସେମାନେ ଭିତରେ ଥିବା ବେଳେ ଧାର୍ଯ୍ୟ ସମୟରେ ଟ୍ରେନର ସ୍ୱଂୟଚାଳିତ ଦ୍ୱାର ବନ୍ଦ ହୋଇଯାଇଥିଲା। ଡୋର ଥରେ ବନ୍ଦ ହେଲେ କେବଳ ପରବର୍ତ୍ତୀ ଷ୍ଟେସନରେ ଏହା ଖୋଲିବାର ପ୍ରାବଧାନ ରହିଛି। ତେଣୁ ସମ୍ପର୍କୀୟମାନଙ୍କୁ ଛାଡ଼ିବାକୁ ଆସିଥିବା ଲୋକମାନେ କାନପୁର ସେଣ୍ଟ୍ରାଲରେ ଆଉ ଓହ୍ଲାଇ ପାରି ନଥିଲେ। ଟ୍ରେନ ମଧ୍ୟ ତୁରନ୍ତ ଷ୍ଟେସନ ଛାଡ଼ି ଦେଇଥିଲା। ମହିଳା ଓ ଛୋଟ ପିଲାଙ୍କୁ ମିଶାଇ ଏହା ଭିତରେ ୧୨ ଜଣ ସେମିତି ଫସି ରହିଥିଲେ। ପ୍ଲାଟଫର୍ମରେ ସେମାନଙ୍କୁ ଅପେକ୍ଷା କରିଥିବା ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ପୂରା ବ୍ୟସ୍ତ ହୋଇପଡ଼ିଥିଲେ। ଭିତରେ ଫସି ରହିଥିବା ଲୋକମାନେ ରେଳ କର୍ମଚାରୀଙ୍କୁ ବାରମ୍ବାର ଡୋର୍ ଖୋଲିବାକୁ କହିଥିଲେ। ହେଲେ ସୁରକ୍ଷା ପ୍ରୋଟକଲ ଓ ଟେକ୍ନିକାଲ କଟକଣା ଯୋଗୁ ସେମାନେ ତତ୍କାଳ ଏହାକୁ ଖୋଲିନଥିଲେ।ସେମାନେ କିଛି ନ ଶୁଣିବାରୁ ଫସିଥିବା ଲୋକମାନେ ବିକ୍ଷୋଭ ମଧ୍ୟ କରିଥିଲେ।

ଆତଙ୍କବାଦୀ ଲତିଫ୍ ଭଟ୍ଟ ନିପାତ

ଶ୍ରୀନଗର : ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲ୍ଲାରେ ବୁଧବାର ସୁରକ୍ଷା ବାହିନୀ ସହ ଗୁଳିବିନିମୟରେ ଲସ୍କର-ଏ-ତୋଇବାର ଜଣେ କୁଖ୍ୟାତ ଆତଙ୍କବାଦୀ ମହମ୍ମଦ ଲତିଫ୍ ଭଟ୍ଟ ନିହତ ହୋଇଛି। ଆତଙ୍କବାଦୀ ସଂଗଠନରେ ଯୋଗଦେବାର ଠିକ୍ ଏକବର୍ଷ ପରେ ତା'ର ମୃତ୍ୟୁ ହୋଇଛି। ୨୨ ବର୍ଷୀୟ ଲତିଫକୁ ସୁରକ୍ଷା ଏଜେନ୍ସି 'ଏ କ୍ୟାଟେଗୋରି' ଆତଙ୍କବାଦୀ ଭାବେ ଚିହ୍ନଟ କରିଥିଲା। ପୁଲିସ ସୂଚନା ଅନୁଯାୟୀ, ଲତିଫ୍ ୨୦୨୫ ନଭେମ୍ବର ୧୮ ରେ ଲସ୍କରରେ ଯୋଗ ଦେଇଥିଲା। ଏହା ପୂର୍ବରୁ ସେ ଜଣେ କାଠମିସ୍ତ୍ରି ଭାବେ କାମ କରୁଥିଲା। ଲତିଫ୍ କୁଲଗାମର ସରକାରୀ ଡିଗ୍ରି କଲେଜରେ ସ୍ନାତକ ପଢ଼ିବାକୁ ନାମ ଲେଖାଇଥିଲେ ମଧ୍ୟ ପାଠପଢ଼ା ଶେଷ କରିନଥିଲା। ୨୦୨୫ ନଭେମ୍ବର ୧୮ ରେ ସେ ଘରୁ ନିଖୋଜ ହୋଇଯାଇଥିଲା। ପରେ ଆତଙ୍କବାଦୀ ସଂଗଠନ ସହ ତା'ର ସମ୍ପୃକ୍ତି ଜଣାପଡ଼ିଥିଲା। ନଭେମ୍ବର ୧୧ରେ କୁଲଗାମର ଅଖରାନ୍ ଗାଁ ନିକଟରେ ଥିବା କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ସିଆର୍‌ପିଏଫ୍) ଚେକ୍ପୋଷ୍ଟ ଉପରେ ହୋଇଥିବା ଆକ୍ରମଣରେ ଲତିଫ୍ର ସମ୍ପୃକ୍ତି ଥିଲା। ଏଥିରେ ୩ ଜଣ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ। ଆକ୍ରମଣ



ପୂର୍ବରୁ ଲତିଫ୍ ଓ ତା'ର ସହଯୋଗୀ ଉମର ନିସାର ଦାର୍ ଅଞ୍ଚଳରେ ରେକି କରିଥିବା ପୁଲିସ କହିଛି। ଘଟଣାସ୍ଥଳର ସିସିଟିଭି ଫୁଟେଜରୁ ଏହାର ପ୍ରମାଣ ମିଳିଥିଲା। ଜୁଲାଇ ୨୨ରେ ଜଣେ ପୁଲିସ ହେଡ୍ କନଷ୍ଟେବଳଙ୍କ ହତ୍ୟା ଏବଂ ଅଗଷ୍ଟ ୧ରେ କୁଲଗାମରେ ଦୁଇଜଣ ପ୍ରବାସୀ ଶ୍ରମିକଙ୍କ ହତ୍ୟା ଘଟଣାରେ ମଧ୍ୟ ତା'ର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିଲା। ଏଥିସହ ଅମରନାଥ ଯାତ୍ରୀଙ୍କ ଉପରେ ଆକ୍ରମଣ ଉଦ୍ୟମରେ ମଧ୍ୟ ତା'ର ଭୂମିକା ଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଥିଲା। ଲସ୍କରର ଛାୟା ସଂଗଠନ ଭାବେ ପରିଚିତ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍‌ଏଫ୍) ସହ ମଧ୍ୟ ତା'ର ସମ୍ପର୍କ ଥିଲା। ନଭେମ୍ବର ୧୬ରେ ସୁରକ୍ଷା ବାହିନୀ କୁଲଗାମ୍ର ଲାରୁ ଗାଁରେ ଲତିଫ୍ ଓ ତା'ର ସହଯୋଗୀ ଉମର ନିସାର ଦାର୍କୁ ଘେରିଥିଲେ। ସେହି ଗୁଳିବିନିମୟରେ ଲତିଫ ମରିଛି ବୋଲି ଖବର ପ୍ରକାଶ ପାଇଥିଲା। କିନ୍ତୁ ସେତେବେଳେ ତା'ର ସହଯୋଗୀ ଉମର ନିହତ ହୋଇଥିବା ବେଳେ ଲତିଫ୍ ଖସି ପଳାଇଥିଲା। ଏହାପରେ ସୁରକ୍ଷା ବାହିନୀ କୁଲଗାମ୍ର ବିଭିନ୍ନ ଅଞ୍ଚଳରେ ତଲାସି ଅଭିଯାନ ଜାରି ରଖିଥିଲେ। ବୁଧବାର ଲତିଫ୍ ଜଙ୍ଗଲପୋରା-ଜଙ୍ଗଲଗାମ୍ ଅଞ୍ଚଳର ଏକ ମସଜିଦ୍ରେ ଲୁଚିଥିବା ସୂଚନା ପାଇ ସୁରକ୍ଷା ବାହିନୀ ତାକୁ ଘେରିଥିଲେ। ରାତି ପ୍ରାୟ ୨ଟା ୪୫ରେ ସେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇବା ପରେ ପାଲଟା ଜବାବରେ ନିହତ ହୋଇଥିଲା। ମସଜିଦ୍ର କୌଣସି କ୍ଷତି ନ ହେବା ପାଇଁ ସୁରକ୍ଷା ବାହିନୀ ଯଥାସମ୍ଭବ ସତର୍କତା ଅବଲମ୍ବନ କରିଥିଲେ। ପୁଲିସ ପକ୍ଷରୁ ମୃତଦେହ ସହ ଏକ ଅସ୍ତ୍ର ଜବତ କରାଯାଇଛି। ଏବେ ତା'ର ସ୍ଥାନୀୟ ସହଯୋଗୀ, ନେଟ୍‌ୱର୍କ ଓ ପାକିସ୍ତାନରେ ଥିବା ନିୟନ୍ତ୍ରକଙ୍କ ସମ୍ପର୍କରେ ତଦନ୍ତ ଚାଲିଛି।

ରାମକୃଷ୍ଣ ମିଶନ ଉପାଧକ୍ଷଙ୍କ ମହାସମାଧି

କୋଲକାତା : ରାମକୃଷ୍ଣ ମଠ ଓ ରାମକୃଷ୍ଣ ମିଶନର ଉପାଧକ୍

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଲଢ଼େଇ ପାଇଁ ଭାରତ ପ୍ରସ୍ତୁତ

୧୯ରୁ ୱେଲିଂଟନରେ ପ୍ରଥମ ଟେଷ୍ଟ

ନୂଆଦିଲ୍ଲୀ, ୧୮।୧୧(ଏଜେନ୍ସି): ସୀମିତ ଓଭର କ୍ରିକେଟରେ ସଫଳତା ପରେ ଏବେ ଟେଷ୍ଟ କ୍ରିକେଟରେ ନିଜ ଦକ୍ଷତା ପ୍ରମାଣିତ କରିବାକୁ ପ୍ରସ୍ତୁତ ଭାରତୀୟ ଦଳ। ଘରୋଇ ମାଟିରେ ୨୦୨୪ରେ ନ୍ୟୁଜିଲାଣ୍ଡଠାରୁ ୦-୩ରେ ଟେଷ୍ଟ ସିରିଜ୍ ହାରିଥିବା ଭାରତ ଏବେ ବିଦେଶ ମାଟିରେ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛି। ଦୁଇ ଦଳ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ନଭେମ୍ବର ୧୯ରୁ ନ୍ୟୁଜିଲାଣ୍ଡର ୱେଲିଂଟନ୍ ସ୍ଥିତ ବେସିନ୍ ରିଜର୍ଭରେ ଖେଳାଯିବ। ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜ୍କୁ ଗୁରୁତ୍ୱ ଦେଉଛି। ବିଶେଷକରି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଫାଇନାଲ୍ରେ ସ୍ଥାନ ପକ୍କା କରିବା ପାଇଁ ଭାରତକୁ ଏହି ସିରିଜରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଉଭୟ ଟେଷ୍ଟ ଜିତିପାରିଲେ ଫାଇନାଲ୍ ଦୌଡ଼ରେ ଭାରତର ସ୍ଥିତି ମଜଭୁତ ହେବ ବୋଲି ଅଧିନାୟକ ଗିଲ୍ ଆଶା ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡର ପାଣିପାଗ ଓ ପିଚ୍ଟୁ ଦୃଷ୍ଟିରେ ରଖି ଭାରତ ଚାରି ଜଣ ଦ୍ରୁତ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାକୁ ଯୋଜନା କରିଛି। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ୍ ଦ୍ରୁତ ବୋଲିଂ ବିଭାଗର ମୁଖ୍ୟ ଅସ୍ତ୍ର ହେବେ। ଅନ୍ୟ ଦୁଇଟି ସ୍ଥାନ ପାଇଁ ପ୍ରସିଦ୍ଧ କୃଷ୍ଣ, ଆକାଶ ଦୀପ, ଅଂଶୁଲ କାମ୍ବୋଜ ଓ ଗୁରନୂର ବ୍ରାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଛି। ଅଧିନାୟକ ଗିଲଙ୍କ ମତରେ, ନ୍ୟୁଜିଲାଣ୍ଡରେ ଦ୍ରୁତ ବୋଲରଙ୍କୁ ଅଧିକ ସହାୟତା ମିଳିଥାଏ। ତେଣୁ ଦଳରେ ସାତ ଜଣ ବ୍ୟାଟର୍ଙ୍କ ସହ ଚାରି ଜଣ ଦ୍ରୁତ ବୋଲରଙ୍କୁ ସାମିଲ କରିବା ଯୋଜନା ରହିଛି। ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ଭାବେ ଦଳକୁ ସନ୍ତୁଳନ ଦେବେ। ଅନ୍ୟପକ୍ଷରେ ଋଷଭ ପନ୍ତଙ୍କ ଫିଟ୍ନେସ୍ ଦଳ ପାଇଁ ଏକ ବଡ଼ ଆଶ୍ୱସ୍ତି। ସେ ୱିକେଟ୍କିପି ସହ ମଧ୍ୟକ୍ରମରେ ଆକ୍ରମଣାତ୍ମକ ବ୍ୟାଟିଂର ଦାୟିତ୍ୱ ସମ୍ଭାଳିବେ। ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ, ଦେବଦତ୍ତ ପାଡିକଲ ଓ ଗିଲଙ୍କ ଉପରେ ଦଳର ବ୍ୟାଟିଂ ଦାୟିତ୍ୱ ରହିବ। ଟମ୍ ଲାଥାମଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ମଧ୍ୟ ଶକ୍ତିଶାଳୀ ଦଳ ନେଇ ପ୍ରସ୍ତୁତ ହୋଇଛି। ଡେବନ୍ କନୱେ, ରଚିନ୍ ରବୀନ୍ଦ୍ର ଓ ଟମ୍ ବ୍ରୁଣ୍ଡେଲ୍ ଦଳକୁ ଫେରିବା ଘରୋଇ ଦଳର ଶକ୍ତି ବଢ଼ାଇଛି। ମାଟ୍ ହେନ୍ରୀ, କାଇଲ୍ ଜାମିସନ୍ ଓ ଜାକବ୍ ଡଫିଙ୍କ ଭଳି ଦ୍ରୁତ ବୋଲର ଭାରତୀୟ ବ୍ୟାଟର୍ଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି। ତେବେ ଆହତ ସମସ୍ୟା ଯୋଗୁଁ ନ୍ୟୁଜିଲାଣ୍ଡର ଅଭିଜ୍ଞ ସ୍ପିନର ମିଚେଲ୍ ସାଣ୍ଟନର୍ ଏହି ଟେଷ୍ଟ ସିରିଜ୍ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଡିନ୍ ଫକ୍ସକରଫ୍ଟଙ୍କୁ ଦଳରେ ସୁଯୋଗ ମିଳିଛି। ବେସିନ୍ ରିଜର୍ଭର ପିଚ୍ରେ ପ୍ରଥମ ଦୁଇ ଦିନ ଦ୍ରୁତ ବୋଲରଙ୍କୁ ସୁଇଙ୍ଗ ଓ ସିମ୍ ମୁଭମେଣ୍ଟ ମିଳିବାର ସମ୍ଭାବନା ରହିଛି। ପରବର୍ତ୍ତୀ ଦିନଗୁଡ଼ିକରେ ପିଚ୍ ବ୍ୟାଟିଂ ପାଇଁ ଅନୁକୂଳ ହୋଇପାରେ। ଏହି ପରିସ୍ଥିତିରେ ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିପାରେ। ପ୍ରଥମ ଟେଷ୍ଟ ନଭେମ୍ବର ୧୯ରୁ ୨୩ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ସମୟ ଅନୁସାରେ ମ୍ୟାଚ୍ ପ୍ରତିଦିନ ସକାଳ ୩ଟା ୩୦ରେ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୭ରୁ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ।

ସ୍ଥାନ	:	ୱେଲିଂଟନ
ସମୟ	:	ରାତି ୩.୪୫
ପ୍ରସାରଣ	:	ସୋନି ନେଟୱର୍କ

ଓଡ଼ିଶା ୨୩ ବର୍ଷରୁ କମ୍ କ୍ରିକେଟ୍ ଦଳ ଘୋଷଣା, ଶ୍ରେୟାଂଶ ଅଧିନାୟକ

ଭୁବନେଶ୍ୱର, ୧୮।୧୧(ସବ୍ୟୁ) : ଆଗାମୀ ବିସିସିଆଇ ଘରୋଇ କ୍ରିକେଟ୍ ଋତୁ ୨୦୨୬-୨୭ ପାଇଁ ଓଡ଼ିଶା ୨୩ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳ ଘୋଷଣା କରିଛି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)। ଆସନ୍ତା ମେନ୍ସ ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି (ଟି-୨୦) ପ୍ରତିଯୋଗିତା ପାଇଁ ୧୭ ଜଣିଆ ଦଳ ଘୋଷଣା କରାଯାଇଛି। ଶ୍ରେୟାଂଶ ଭରଦ୍ୱାଜଙ୍କୁ ଦଳର ଅଧିନାୟକ ଏବଂ ସୁଜଲ କୁମାର ସିଂହଙ୍କୁ ଉପଅଧିନାୟକ ନିଯୁକ୍ତ କରାଯାଇଛି। ବୁଧବାର ଓସିଏ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପୁରୁଷ ଚୟନ କମିଟିର ସଦସ୍ୟ ନଟରାଜ ବେହେରା ଏବଂ ଓଡ଼ିଶା ୨୩ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ସୁବିତ ବିଶ୍ୱାଳ ଦଳ ଘୋଷଣା କରିଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏହି ଘୋଷଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଘୋଷିତ ୧୭ ଜଣିଆ ଦଳରେ ଅନସୁମାନ ବେଜ, ଅଭିଷେକ ସିଂହ, ଆଶୁତୋଷ ମାରାଣ୍ଡି, ବିଶ୍ୱଜିତ ପ୍ରଧାନ, ଶ୍ରେୟାଂଶ ଭରଦ୍ୱାଜ, ସୁଜଲ କୁମାର ସିଂହ, ଜନମଜୟ ଜେନା, ଏମ୍ ଗୌତମ ଗୋପାଳ, ମହମ୍ମଦ ସୋହେଲ ଖାନ୍, ରଜନୀକାନ୍ତ ଦାସ, ସାହିଲ ପ୍ରସାଦ, ସାଇଦୀପ ମହାପାତ୍ର, ସମ୍ବିତ କୁମାର ବେଜା, ସାର୍ଥକ ଏସ୍ ପ୍ରକାଶ, ସୟଦ ତୁଫାଏଲ ଅହମ୍ମଦ, ଶୋଭନଦେବ ବେହେରା ଓ ସୁବୀର ସର୍ଦ୍ଦାର ସ୍ଥାନ ପାଇଛନ୍ତି। ଦଳରେ ବ୍ୟାଟର, ଦ୍ରୁତ ବୋଲର, ସ୍ପିନର ଏବଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ସମ୍ବିତ କୁମାର ବେଜା ଓ ମହମ୍ମଦ ସୋହେଲ ଖାନ୍ ଅଲରାଉଣ୍ଡର ଭାବେ ଦଳରେ ରହିଛନ୍ତି। ସାର୍ଥକ ଏସ୍ ପ୍ରକାଶ ୱିକେଟ୍କିପର ଦାୟିତ୍ୱ ତୁଲାଇବେ। ସୟଦ ତୁଫାଏଲ ଅହମ୍ମଦ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଓସିଏ ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ, ଡିସେମ୍ବର ୧ରୁ ଓଡ଼ିଶାର ଅଭିଯାନ ଆରମ୍ଭ ହେବ। ଜୟପୁରରେ ଓଡ଼ିଶା ପ୍ରଥମ ମ୍ୟାଚରେ ରେଳବାଇକୁ ଭେଟିବ। ଏହାପରେ ଡିସେମ୍ବର ୩ରେ ପଞ୍ଜାବ, ୫ରେ ଆନ୍ଧ୍ର, ୭ରେ ଉତ୍ତରାଖଣ୍ଡ, ୯ରେ ତ୍ରିପୁରା, ୧୧ରେ ତାମିଲନାଡୁ ଏବଂ ୧୩ରେ ବିଦର୍ଭ ସହ ମ୍ୟାଚ୍ ଖେଳିବ ଓଡ଼ିଶା। ଏହି ମ୍ୟାଚଗୁଡ଼ିକ ଜୟପୁରର ଜୟପୁରିଆ ବିଦ୍ୟାଳୟ ଗ୍ରାଉଣ୍ଡ ଏବଂ ସୱାଇ ମାନସିଂହ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଯୁବ ଖେଳାଳିଙ୍କ ପାଇଁ ଏହି ପ୍ରତିଯୋଗିତା ନିଜର ଦକ୍ଷତା ପ୍ରମାଣ କରିବା ସହ ଉଚ୍ଚସ୍ତରୀୟ କ୍ରିକେଟରେ ଆଗକୁ ବଢ଼ିବାର ଏକ ସୁଯୋଗ ହେବ।



ବିଶ୍ୱ ଟୁର୍ ଫାଇନାଲ୍ସରେ ଲକ୍ଷ୍ୟ ସେନ୍

ନୂଆଦିଲ୍ଲୀ, ୧୮।୧୧(ଏଜେନ୍ସି): ଭାରତୀୟ ବ୍ୟାଡମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍ ୨୦୨୬ ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ଫାଇନାଲ୍ସକୁ ଯୋଗ୍ୟତା ହାସଲ କରିଛନ୍ତି। ହଂକଂ ଓପନ୍ ସୁପର ୫୦୦ ପ୍ରତିଯୋଗିତାରେ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତଙ୍କ ବିଜୟ ଲକ୍ଷ୍ୟଙ୍କ ପାଇଁ ଫାଇନାଲ୍ସର ରାସ୍ତା ସୁଗମ କରିଛି। ବୁଧବାର ପ୍ରଥମ ରାଉଣ୍ଡରେ ଶ୍ରୀକାନ୍ତ ଜାପାନର କୋକି ୱାଟାନାବେଙ୍କୁ ପରାସ୍ତ କରିବା ପରେ ଲକ୍ଷ୍ୟଙ୍କ ଯୋଗ୍ୟତା ନିଶ୍ଚିତ ହୋଇଛି। ଚୀନ୍ର ହାଙ୍ଗଝୌଠାରେ ଡିସେମ୍ବର ୯ରୁ ୧୩ ପର୍ଯ୍ୟନ୍ତ ବିଶ୍ୱ ଟୁର୍ ଫାଇନାଲ୍ସ ଖେଳାଯିବ। ବର୍ଷସାରା ବିଭିନ୍ନ ବିଡବ୍ଲ୍ୟୁଏଫ୍ ଟୁର୍ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଶ୍ରେଷ୍ଠ ଆଠ ଜଣ ଖେଳାଳି ଏଥିରେ ଭାଗ ନେବେ।

ପୁରୁଷ ଏକକ ବର୍ଗରେ ଯୋଗ୍ୟତା ଦୌଡ଼ରେ ଲକ୍ଷ୍ୟ ଓ ଜାପାନର କୋକି ୱାଟାନାବେଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଥିଲା। ଲକ୍ଷ୍ୟଙ୍କ ଖାତାରେ ୭୪,୨୮୦ ପଏଣ୍ଟ ଥିବାବେଳେ ୱାଟାନାବେଙ୍କ ପଏଣ୍ଟ ଥିଲା ୭୩,୬୨୦। ଉଭୟଙ୍କ ମଧ୍ୟରେ ମାତ୍ର ୫୬୦ ପଏଣ୍ଟର ବ୍ୟବଧାନ ଥିଲା। ୱାଟାନାବେଙ୍କୁ ଯୋଗ୍ୟତା ଦୌଡ଼ରେ ରହିବା ପାଇଁ ହଂକଂ ଓପନ୍ରେ ଶ୍ରୀକାନ୍ତଙ୍କୁ ହରାଇବା ଜରୁରୀ ଥିଲା। କିନ୍ତୁ ଶ୍ରୀକାନ୍ତ ୨୧-୧୬, ୧୬-୨୧, ୨୧-୯ ଗେମ୍ରେ ତାଙ୍କୁ ପରାସ୍ତ କରିଥିଲେ। ଏହି ପରାଜୟସହ ୱାଟାନାବେଙ୍କ ବିଶ୍ୱ ଟୁର୍ ଫାଇନାଲ୍ସ ଯୋଗ୍ୟତା ଆଶା ଶେଷ ହୋଇଥିଲା। ଫଳରେ ଲକ୍ଷ୍ୟଙ୍କ ସ୍ଥାନ ପକ୍କା ହୋଇଥିଲା। ଚଳିତ ମାସରେ ଲକ୍ଷ୍ୟ ଚମତ୍କାର ଫର୍ମରେ ରହିଛନ୍ତି। ପ୍ରଥମେ ଜର୍ମାନୀରେ ହାଇଲୋ ଓପନ୍ ଏବଂ ପରେ ଜାପାନରେ କୁମାମୋଟୋ ମାଷ୍ଟର୍ସ ଟାଇଟଲ୍ ଜିତି ସେ ଲଗାତାର ଦୁଇଟି ଅନ୍ତର୍ଜାତୀୟ ଟାଇଟଲ୍ ହାସଲ କରିଥିଲେ। ଏହି ସଫଳତା ତାଙ୍କୁ ବିଶ୍ୱ ଟୁର୍ ରାଙ୍କିଙ୍ଗ୍ରେ ଉପରକୁ ଉଠାଇଥିଲା। ହଂକଂ ଓପନ୍ରେ ମଧ୍ୟ ଲକ୍ଷ୍ୟ ନିଜର ଅଭିଯାନକୁ ବିଜୟରୁ ଆରମ୍ଭ କରିଛନ୍ତି। ଫ୍ରାନ୍ସର ଆର୍ନାଉଡ୍ ମର୍କଲ୍ଙ୍କ ବିପକ୍ଷରେ ପ୍ରଥମ ଗେମ୍ ୧୪-୨୧ରେ ହାରିବା ପରେ ଦମ୍ଦାର ପ୍ରତ୍ୟାବର୍ତ୍ତନ କରି ୨୧-୧୬, ୨୫-୨୩ରେ ପରବର୍ତ୍ତୀ ଦୁଇ ଗେମ୍ ଜିତିଥିଲେ। ଏହି ବିଜୟ ତାଙ୍କୁ ପ୍ରି-କ୍ୱାର୍ଟର ଫାଇନାଲ୍ରେ ପହଞ୍ଚାଇଛି।

ଶ୍ରୀକାନ୍ତଙ୍କ ବିଜୟରେ ଲକ୍ଷ୍ୟଙ୍କୁ ଫାଇଦା

ସର୍ବ ଭାରତୀୟ ବେସ୍ମାରିକ ଦୌଡକୁଦ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

ଭୁବନେଶ୍ୱର, ୧୮।୧୧(ସବ୍ୟୁ) : ଉତ୍ତରାଖଣ୍ଡର ଡେରାଡୁନ୍ ସ୍ଥିତ ମହାରାଣା ପ୍ରତାପ କ୍ରୀଡା ମହାବିଦ୍ୟାଳୟରେ ସର୍ବଭାରତୀୟ ବେସମାରିକ ଦୌଡକୁଦ ପ୍ରତିଯୋଗିତା ଆଗାମୀ ଡିସେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଯାଉଛି। ଉତ୍ତରାଖଣ୍ଡର ନୈନିତାଲ ସ୍ଥିତ ରାଜ୍ୟ କ୍ରୀଡା ବିଶ୍ୱବିଦ୍ୟାଳୟର ହକି ପଡିଆଠାରେ ସର୍ବଭାରତୀୟ ବେସାମରିକ ହକି ପ୍ରତିଯୋଗିତା ଡିସେମ୍ବର ୨୨ ରୁ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଅୟୋଜିତ ହେବ। ଉଭୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ଆଗାମୀ ୨୪ ତାରିଖ ମଙ୍ଗଳବାର ସକାଳ ୯ ଟାରେ ଭୁବନେଶ୍ୱରର ପୋଖରୀପୁଟ ମିନି ହକି ପଡିଆରେ ହେବାକୁ ଯାଉଛି। ଏତଦ୍ ବ୍ୟତୀତ ରାଜସ୍ଥାନର ଜୟପୁର ସ୍ଥିତ ସୱାଇ ମାନସିଂ ଷ୍ଟାଡିୟମରେ ଟେନିସ୍ ପ୍ରତିଯୋଗିତା ଡିସେମ୍ବର ୧୩ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ଖେଳାଳି ଚୟନ ଆଗାମୀ ୨୪ ତାରିଖ ସକାଳ ୮ ଟାରେ ସହୀଦ ନଗର ସ୍ଥିତ ଇଣ୍ଡୋ ପାର୍କ ଟେନିସ୍ କୋର୍ଟରେ ହେବାକୁ ଯାଉଛି। କେବଳ ନିୟମିତ ସରକାରୀ ଚାକିରୀରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହୁଁଛନ୍ତି ସେମାନେ ନିଜ ସେବାପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ, ଅଫିସ ପରିଚୟପତ୍ର ସହ ପାସପୋର୍ଟ ଫଟୋ, ଶାରୀରିକ ଯୋଗ୍ୟତା ଘୋଷଣାପତ୍ର, ନିଜ ବିଭାଗ କିମ୍ବା ଅଫିସରୁ ନୋ ଅବଜେକ୍ସନ୍ ସାର୍ଟିଫିକେଟ୍ ସାଙ୍ଗରେ ଆଣି ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ କରି ଚୟନରେ ଭାଗ ନେଇପାରିବେ। ଅଧିକ ବିବରଣୀ ପାଇଁ ହରପ୍ରସାଦ ବିଶ୍ୱାଳ(9437228687), ନୃସିଂହଚରଣ ପୃଷ୍ଟି(9937936175), ଅକ୍ଷୟ ପରିଡା(6371453354)ଙ୍କୁ ଯୋଗାଯୋଗ କରିପାରିବେ।

ଶନିବାରରୁ ରାଜ୍ୟସ୍ତରୀୟ ଆନ୍ତଃ ସ୍କୁଲ ଚେସ ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୧୧(ସବ୍ୟୁ) : ରାଜ୍ୟର ପ୍ରତିଷ୍ଠିତ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍.ଆର୍. ଚେସ୍ ସେଣ୍ଟରର ଆନୁକୂଲ୍ୟରେ ଗ୍ରାଣ୍ଡ ମିନିସିଟୀ ସହଯୋଗରେ ଆସନ୍ତା ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ତେଲେଙ୍ଗପେଣ୍ଠ ସ୍ଥିତ ଗ୍ରାଣ୍ଡ ବଜାରରେ ଥିବା ଶୀତତାପ ନିୟନ୍ତ୍ରିତ ଚେସ୍ ହଲ୍ରେ ଦ୍ୱିତୀୟ ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବୁଧବାର ରାତି ସୁଦ୍ଧା ୧୭୦ ରୁ ଉର୍ଦ୍ଧ୍ୱ ଖେଳାଳି ନିଜର ନାମ ପଞ୍ଜୀକରଣ କରିସାରିଲେଣି। ୫୦,୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୬୬ଟି ଆକର୍ଷଣୀୟ ଟ୍ରଫି ଓ ୫୭ଟି ମେଡାଲ ପ୍ରଦାନ କରାଯିବାକୁ ଥିବା ଏହି ଖେଳରେ 'ପ୍ରଥମ ପୁରସ୍କାର ୧୫,୦୦୦ ଟଙ୍କା, ସ୍ୱତନ୍ତ୍ର ଚେସ୍ ଟ୍ରଫି, ମେଡାଲ , ୨ୟ ପୁରସ୍କାର ୧୦,୦୦୦ ଟଙ୍କା, ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ମେଡାଲ ଏବଂ ୩ୟ ପୁରସ୍କାର ୭,୦୦୦ ଟଙ୍କା, ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ। ଶ୍ରେଷ୍ଠ ୧୦ ଜଣଙ୍କୁ ମୋଟ ୫୦,୦୦୦ ଟଙ୍କାର ଅର୍ଥ, ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ। ୫ ବର୍ଷରୁ ୧୩ ବର୍ଷ ପର୍ଯ୍ୟନ୍ତ ପ୍ରତେକ ବୟସ ବର୍ଗରେ ଶ୍ରେଷ୍ଠ ୩ଜଣ ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବା ସହ ଦଳଗତ ଭାବେ ଶ୍ରେଷ୍ଠ ଦୁଇଟି ସ୍କୁଲକୁ ଅର୍ଥ ଓ ସ୍ୱତନ୍ତ୍ର ଚେସ୍ ଟ୍ରଫି ପ୍ରଦାନ କରାଯିବ। ୮ ରାଉଣ୍ଡ ଭିତ୍ତିକ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସ୍କୁଲରେ ପଢୁଥିବା (ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ୭୦୦ ଟଙ୍କା ପ୍ରବେଶିକା ଦେୟ ଦେଇ ସିଧାସଳଖ ପ୍ରତିଯୋଗିତାରେ ଶୁକ୍ରବାର ରାତି ସୁଦ୍ଧା ଅଂଶଗ୍ରହଣ କରିପାରିବେ । ଏଥିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ଇ ପ୍ରମାଣପତ୍ର ପ୍ରଦାନ କରାଯିବ।', ଏହି ଅବସରରେ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ କ୍ରୀଡା ସାମ୍ବାଦିକ ବିମଳ ରାଉଜ (ପ୍ରମେୟ), ଶୁଭଲକ୍ଷ୍ମୀ ବଳ (କନକ ଟିଭି), ପ୍ରତିଭାବାନ ଆନ୍ତର୍ଜାତୀୟ ମାଷ୍ଟର ନର୍ମ ହୋଲ୍ଡର ହର୍ଷିତ ରଞ୍ଜନ ସାହୁ ଓ ଚେସ ଗୁରୁ ପୁରୀର ଶ୍ୟାମଳ କୁଣ୍ଡୁ ଙ୍କୁ ସ୍ୱତନ୍ତ୍ର ଭାବେ ଏସ୍.ଆର୍. ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ।', 'ଅଧିକ ଜାଣିବା ପାଇଁ ସତ୍ୟ ରଞ୍ଜନ ପଟ୍ଟନାୟକ, ଏସ୍.ଆର୍. ଚେସ୍ ସେଣ୍ଟର, ମୋ: ୯୪୩୭୨୦୮୫୦୬ , ୭୦୦୮୯୭୩୯୫୦ରେ କିମ୍ବା ଶୁଭାଶିଷ ପଟ୍ଟନାୟକ ସଭାପତିଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

ଜାନୁଆରୀ ୫ ରୁ କଟକ ଜିଲ୍ଲା ଆନ୍ତଃବିଦ୍ୟାଳୟ ଫୁଟବଲ

କଟକ, ୧୮।୧୧(ସବ୍ୟୁ) : ଓଡ଼ିଶା ଭେଟରାନ୍ସ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ଆନ୍ତ ବିଦ୍ୟାଳୟ ଜୁନିଅର୍ ଓ ସିନିୟର୍ ଫୁଟବଲ୍ ପ୍ରତିଯୋଗିତା ପ୍ୟାରୀମୋହନ ଏକାଡେମୀ ପଡ଼ିଆ କିମ୍ବା ନିଉ ଷ୍ଟୁଆର୍ଟ ସ୍କୁଲ ପଡ଼ିଆ ଠାରେ ଜାନୁୟାରୀ ମାସ ପ୍ରଥମ ସପ୍ତାହ ଠାରୁ ଅନୁଷ୍ଠିତ ହେବ। ସେଇଭଳି ଆସନ୍ତା ବର୍ଷ ଅର୍ଥାତ୍ ୨୦୨୭ ମାର୍ଚ୍ଚ ମାସ ୫ ତାରିଖ ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜନ୍ମ ଦିବସ ଅବସରରେ ସପ୍ତମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମିନି ମାରାଥନ ଏବଂ ବରିଷ୍ଠ ନାଗରିକ ମାନଙ୍କ ପାଇଁ ୱାକଥନ ପ୍ରତିଯୋଗିତା ହେବ ବୋଲି ଓଡ଼ିଶା ଭେଟରାନ୍ସ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ଏକ ସ୍ୱତନ୍ତ୍ର ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଆସୋସିଏସନର ସଭାପତି ତଥା ପୂର୍ବତନ ମନ୍ତ୍ରୀ, ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବାରବାଟୀ ଷ୍ଟାଡିୟମ୍ ସ୍ଥିତ ଓଡିଶା ତୀରନ୍ଦାଜ ସଂଘ କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଇ ବୈଠକରେ କଟକ ଜିଲ୍ଲା ଶିକ୍ଷା ମଣ୍ଡଳୀର ଅଧିକାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଶାରୀରିକ ଅଧିକାରୀ ସୌଦାମିନୀ ଦାସ, ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଓ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଏହି ବୈଠକ ରେ ଯୋଗ ଦେଇ ଆନ୍ତ ବିଦ୍ୟାଳୟ ଜୁନିୟର ସିନିୟର୍ ଫୁଟବଲ୍ ପ୍ରତିଯୋଗିତା ଏବଂ ମାର୍ଚ୍ଚ ମାସ ୫ ତାରିଖ ଦିନ ମିନି ମାରାଥନ ଓ ବଶିଷ୍ଠ ନାଗରିକ ମାନଙ୍କ ପାଇଁ ୱାକଥନ ପ୍ରତିଯୋଗିତା ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇଛି। ଆନ୍ତ ବିଦ୍ୟାଳୟ ଫୁଟବଲ୍ ପ୍ରତିଯୋଗିତା ପାଇଁ ଚଳିତ ଡିସେମ୍ବର ମାସ ୨୦ ତାରିଖ ଏବଂ ୱାକଥନ୍ ପାଇଁ ମାର୍ଚ୍ଚ ୨୮ ତାରିଖ ପ୍ରତିଯୋଗୀ ମାନେ ନାମ ପଞ୍ଜୀକରଣ